ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୩ ଅଗଷ୍ଟ ୨୦୨୩

**ନାବାଳକ ସ୍କୁଟି ଚାଳକଙ୍କୁ ୨୭ହଜାର ଜରିମାନା**

ପୁରୀ,୧୨।୮(ଅଜିତ ମହାନ୍ତି): ଶନିବାର ପୁରୀ ଆର୍‌ଟିଓ ରବିନ୍ କୁମାର ପଟ୍ଟନାୟକ ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ରୋଡ୍‌ରେ ଯାଉଥିଲେ। ଏହି ସମୟରେ ତୋଷାଳି ରିସର୍ଟ ପାଖରେ ୩ ଜଣ ନାବାଳକ କଲେଜ ଛାତ୍ର ଏକ ସ୍କୁଟିରେ କୋଣାର୍କ ଆଡୁ ପୁରୀ ଅଭିମୁଖେ ଆସୁଥିଲେ। ଏକ ସ୍କୁଟିରେ ୩ଜଣଙ୍କୁ ଦେଖି ଆର୍‌ଟିଓ ପ୍ରଥମେ ସେମାନଙ୍କୁ ଅଟକାଇଥିଲେ। ପରେ ସ୍କୁଟି ଚଲାଉଥିବା ସମ୍ପୃକ୍ତ ଛାତ୍ରଙ୍କ ବୟସ ପଚାରିବାରୁ ୧୮ ବର୍ଷରୁ କମ୍ ଏବଂ ତାଙ୍କ ଘର ବାଲିଗୁଆଳି ଅଞ୍ଚଳରେ ବୋଲି ଜଣାପଡ଼ିଥିଲା। ଏହାପରେ ଉକ୍ତ ସ୍କୁଟି ନମ୍ବରରେ ଜରିମାନା ବାବଦକୁ ୨୭ହଜାର ଟଙ୍କାର ଚାଲାଣ କଟାଯାଇଛି।



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଭୁବନେଶ୍ୱର ମ୍ୟୁନିସିପାଲିଟି କର୍ପୋରେଶନ ପକ୍ଷରୁ 'ଟିମ୍ ସାଇନ୍'ର ଉଦ୍‌ଘାଟନୀ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ସକାଳ ୭ଟା।
- ଜାତୀୟ କବିତା ଉତ୍ସବ, ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୦ଟା।
- ଓଏଏସ୍ ହବ୍ ଓଡ଼ିଶା ଜବ୍ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ, ରୋଟାରି କ୍ଲବ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦।
- ୫ମ ନୃତ୍ୟାଶା ଉତ୍ସବ, ଭଞ୍ଜକଳା ମଣ୍ଡପ, ଅପରାହ୍ନ ୪ଟା ୩୦।
- ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ୪ର୍ଥ ସୂରଜ ପୁରସ୍କାର, କନ୍‌ଭେନ୍‌ଶନ ସେଣ୍ଟର, ଲୋକ ସେବା ଭବନ, ଅପରାହ୍ନ ୫ଟା।

# ବିଏମ୍‌ସିର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ନେଇ ଅସନ୍ତୁଷ୍ଟ ସହରବାସୀ

ଭୁବନେଶ୍ୱର, ୧୨।୮ (ବନ୍ଦନା ସେଠୀ)

- ବଡ଼ବଡ଼ିଆଙ୍କୁ ଛାଡି ସାଧାରଣଲୋକଙ୍କ ଉପରେ ଜୁଲମ
- ଯାତ୍ରାପାର୍ଟି ଏବଂ ଘରୋଇ ଚ୍ୟାନେଲକୁ ୫୦ହଜାର ଲେଖାଏ ଜରିମାନା

ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ମାତ୍ର କିଛି ଅମାନିଆ ସୁଧୁରୁ ନ ଥିବାରୁ ଏବେ ପୂରା ଆକ୍ସନମୋଡ୍‌ରେ ବିଏମ୍‌ସି। ଆଉ ଚେତାବନୀ ନୁହେଁ, ସିଧାସିଧା ଜରିମାନା, ନଚେତ୍ ଦୋକାନ ବଜାର ସିଲ୍ କିମ୍ବା ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ବିଶେଷକରି ସ୍ୱଚ୍ଛ ସର୍ବେକ୍ଷଣ ଚାଲିଥିବାରୁ ସହରକୁ କିପରି ସୁନ୍ଦର ରଖାଯାଇପାରିବ ସେ ନେଇ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ମଧ୍ୟରେ ବ୍ୟଗ୍ରତା ଦେଖାଦେଉଛି। ଏଥିପାଇଁ ପ୍ରାୟ ପ୍ରତ୍ୟେକ ଦିନ ଏନ୍‌ଫୋର୍ସମେଣ୍ଟ ଟିମ୍ ବିଭିନ୍ନ ଅଞ୍ଚଳ ବୁଲି ଜରିମାନା ଆଦାୟ କରିବା ସହିତ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନେଉଛି। ତେବେ ବିଏମ୍‌ସିର ଏଭଳି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବା ଜରିମାନା ଆଦାୟକୁ ନେଇ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି। କାରଣ ୧ ହଜାର କି ୨ହଜାର ନୁହେଁ, ପୂରା ୫ରୁ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯାଉଛି। ବିଏମ୍‌ସି ନିଜ ଦାୟିତ୍ୱ ଠିକ୍ ଭାବେ ତୁଲାଇ ପାରୁ ନ ଥିବାବେଳେ ଜରିମାନା ନାମରେ ଲୋକଙ୍କ ଉପରେ ଜୁଲମ କରାଯାଉଥିବା ଅଭିଯୋଗ କରାଯାଉଛି। ପରିମଳ ବ୍ୟବସ୍ଥାରେ ଖିଲାପ କଲେ କିମ୍ବା କାନ୍ଥବାଡ଼ରେ ପୋଷ୍ଟର ଲଗାଇଲେ ପୂର୍ବରୁ ମଧ୍ୟ ବିଏମ୍‌ସି ପକ୍ଷରୁ ଜରିମାନା ଆଦାୟ କରାଯାଉଥିଲା। ତେବେ ଶନିବାର ଏକ ଯାତ୍ରାପାର୍ଟି ଏବଂ ଘରୋଇ ଟିଭି ଚ୍ୟାନେଲକୁ ହୋଇଥିବା ମାତ୍ରାଧିକ ଜରିମାନାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସକାଳ ପ୍ରାୟ ୮ଟା ବେଳକୁ ବିଏମସି ଯାତ୍ରାପାର୍ଟି ଶ୍ରୀ ବିଶ୍ୱ ଦରବାରକୁ ୫୦ହଜାର ଜରିମାନା କରିବା ସହ ପାର୍ଟି ନାମରେ ଏଫ୍‌ଆଇଆର୍ ଦାଏର କରିଥିବା ଟୁଇଟ୍ କରିଥିଲା। ସମ୍ପୃକ୍ତ ଯାତ୍ରାପାର୍ଟି ପକ୍ଷରୁ ବେଆଇନ୍ ଭାବେ କାନ୍ଥରେ ପୋଷ୍ଟର ମରାଯାଇ ସହରର ସୌନ୍ଦର୍ଯ୍ୟ ନଷ୍ଟ ହେଉଥିବା ଦର୍ଶାଇ ଏଭଳି ପଦକ୍ଷେପ ନିଆଯାଇଥିବା ସୂଚନା ଦିଆଯାଇଛି। ସେହିଭଳି ଜୀ ସାର୍ଥକ ଟିଭିରେ ପ୍ରସାରିତ ହେଉଥିବା ଧାରାବାହିକ 'ଆମ ଝିଲି'ର ହୋର୍ଡିଂ ମଧ୍ୟ ବେଆଇନ୍ ଭାବେ ମରାଯାଇଥିବା ଏବଂ ଏଥିପାଇଁ ସୌନ୍ଦର୍ଯ୍ୟ ନଷ୍ଟ ହେଉଥିବାରୁ ସମ୍ପୃକ୍ତ ଟିଭି ଚ୍ୟାନେଲକୁ ୫୦ହଜାର ଟଙ୍କାର ଜରିମାନା ସହ ସଂସ୍ଥା ବିରୋଧରେ ଏଫ୍‌ଆଇଆର୍ ହୋଇଛି। କେବଳ ସେତିକି ନୁହେଁ, ଗୋପବନ୍ଧୁ ଡେଲ୍‌ଟା ଛକ ନିକଟରେ ଥିବା ଏକ ଫାଷ୍ଟଫୁଡ୍ ଦୋକାନରୁ ଖରାପ ପରିମଳ ପାଇଁ ୧୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ଦିଆଯାଇଛି। ଏସବୁକୁ ନେଇ ବିଏମ୍‌ସିକୁ ବହୁ ସମାଲୋଚନାର ଶିକାର ହେବାକୁ ପଡିଛି। ସହରବାସୀଙ୍କୁ ବିଏମ୍‌ସି ମୌଳିକ ସୁବିଧା ଯୋଗାଇ ଦେବାରେ ବିଫଳ ହେଉଥିବାବେଳେ ଛୋଟଛୋଟ ଭୁଲ୍ ପାଇଁ ଏତେମାତ୍ରାରେ ଜରିମାନା ଆଦାୟ କରି ଖୋଲାଖୋଲି ଭାବେ ଲୋକଙ୍କୁ ଲୁଟ୍ କରାଯାଉଥିବା ଅଭିଯୋଗ ହୋଇଛି। ବଡବଡ ଶିଳ୍ପ ଏବଂ ରାଜନୈତିକ ଦଳମାନେ ସହରର ବିଭିନ୍ନ ଅଞ୍ଚଳରେ ପୋଷ୍ଟର ବ୍ୟାନର ମାରୁଥିବାବେଳେ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। କାଣି ବିରାଡ଼ିର କୁଜି ଅସରପା ଉପରେ ରାଗ ଶୁଝାଇବା ଭଳି ବଡ଼ବଡ଼ିଆଙ୍କ ଦୋଷକୁ ଅଣଦେଖା କରି କେବଳ ସାଧାରଣ ଲୋକଙ୍କୁ ଶୋଷଣ କରାଯାଉଛି। ଅସରାଏ ବର୍ଷାହେଲେ ସ୍ମାର୍ଟସିଟିର ଅବସ୍ଥା ବେହାଲ ହୋଇପଡୁଛି। ଡ୍ରେନ୍ ସମସ୍ୟା, ଖାଲଖମାରେ ଭର୍ତ୍ତି ରାସ୍ତା, ସହରରେ ବୃଦ୍ଧି ପାଉଥିବା ଡେଙ୍ଗୁରୋଗୀ ସଂଖ୍ୟା ଏ ସବୁ ସହରର ସୌନ୍ଦର୍ଯ୍ୟକୁ ନଷ୍ଟ କରିବା ସହ ନକାରାତ୍ମକ ଛାପ ସୃଷ୍ଟି କରୁଛି। ମାତ୍ର ବାସ୍ତବ ସମସ୍ୟାକୁ ଦୂରେଇ ଦେଇ କେବଳ କିଛି ପୋଷ୍ଟର ଲାଗିଗଲେ ସହରର ସୁନ୍ଦରତା ବଳି ପଡି ଯାଉଛି ବୋଲି ବିଏମ୍‌ସି ଡେଙ୍ଗୁରା ପିଟୁଛି। ସେହିପରି ଘର ଆଖପାଖ ଅଞ୍ଚଳରୁ ଜମା ହୋଇଥିବା ପାଣି ବାହାରିଲେ ଘରମାଲିକଙ୍କୁ ୧ହଜାର ଓ ପ୍ରତିଷ୍ଠାନ ଠାରୁ ୫ହଜାର ଟଙ୍କା ଜରିମାନା ନିଆଯିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟକୁ ଆଳ କରି ଜନସାଧାରଣଙ୍କୁ ଲୁଟିବାରେ ଲାଗିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ମଶା ପାଇଁ ଡ୍ରୋନ୍ ନୁହେଁ, ରାଫେଲ ବ୍ୟବହାର କରନ୍ତୁ: ସୁନୀତି ମୁଣ୍ଡ

ଭୁବନେଶ୍ୱର, ୧୨।୮ (ବନ୍ଦନା ସେଠୀ)

**ବିଏମ୍‌ସିର ଜରିମାନା ଆଦାୟ ନିଷ୍ପତ୍ତି ଜିଜିଆ କର ସଦୃଶ**

ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଡେଙ୍ଗୁ ବ୍ୟାପିବା ଘଟଣାରେ ଭାଜପା ନେତ୍ରୀ ସୁନୀତି ମୁଣ୍ଡ ବିଏମ୍‌ସି ମେୟରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ମେୟର ଜନସାଧାରଣଙ୍କୁ ମୌଳିକ ସେବା ଯୋଗାଇଦେବାରେ ବିଫଳ ହେବା ସହ ଡେଙ୍ଗୁ ବ୍ୟାପିବା ପାଇଁ ଜନସାଧାରଣଙ୍କ ନିକଟରୁ ଜରିମାନା ଆଦାୟ କରିବାକୁ ଯେଉଁଭଳି ନିଷ୍ପତ୍ତି ନେଇଛନ୍ତି ତାହା ଜିଜିଆ କର ଭଳି ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି। ବିଏମ୍‌ସି କର୍ତ୍ତୃପକ୍ଷ ନିଜ ଅସଫଳତା ଲୁଚାଇବାକୁ ଲୋକଙ୍କଠାରୁ କର ଆଦାୟ କରିବା କେତେଦୂର ଯୁକ୍ତିଯୁକ୍ତ ତାହା ଜନସାଧାରଣ ବିଚାର କରିବା ଆବଶ୍ୟକ। ଏକ ପ୍ରେସ ବିବୃତି ଜରିଆରେ ବିଏମ୍‌ସି ଉପରେ ଆକ୍ରମଣ କରି ସୁନୀତି କହିଛନ୍ତି, ବର୍ଷକ ତଳେ ମଶା ମାରିବାକୁ ଡ୍ରୋନ୍ ଉଡାଇଥିଲେ। ଏଥିରେ କେତେ ମଶା ଧରାଗଲା ଏବଂ କେତେ ମଶାଙ୍କୁ ମରାଗଲା ନିଗମ ତାହାର ତଥ୍ୟ ଦିଅନ୍ତୁ। ସହରରେ ମୁକୁଳା ନାଳ ସହିତ ଅନେକ ସ୍ଥାନରେ ଅପରିଷ୍କାର ପରିବେଶ ସୃଷ୍ଟି ହୋଇଥିବାବେଳେ ଡ୍ରୋନ ଦ୍ୱାରା ମଶାମରା ଅଭିଯାନ ଆରମ୍ଭ କରିବା ଅତ୍ୟନ୍ତ ହାସ୍ୟାସ୍ପଦ। ଡ୍ରୋନ ନ ଉଡାଇ ମେୟର୍ ବରଂ ରାଫେଲ ବିମାନ ଉଡାଇ ମଶା ବଂଶ ନିପାତ କରନ୍ତୁ। ଏହାଦ୍ୱାରା ହୁଏତ ମଶାବଂଶ ଲୋପ ପାଇଯିବ ବୋଲି ସୁନୀତି କହିଛନ୍ତି। ସେହିପରି ଲୋକଙ୍କ ଟଙ୍କାକୁ ଅଯଥାରେ ବ୍ୟୟ ନ କରି ମଶା ଦୂର କରିବା ପାଇଁ ଅଞ୍ଚଳ ପରିଷ୍କାର ରଖିବା ସହିତ ନାଳ, ନର୍ଦ୍ଦମାର ନିୟମିତ ସଫେଇ କରାଯିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଯଦି ଜଣେ ବି ବ୍ୟକ୍ତି, ପରିବାର ବା କୌଣସି ବ୍ୟବସାୟିକ ପ୍ରତିଷ୍ଠାନରୁ ଜରିମାନା ଆଦାୟ କରାଯାଏ ତେବେ ବିଏମ୍‌ସିକୁ ଗମ୍ଭୀର ପରିଣତି ଭୋଗିବାକୁ ପଡିବ। ଭାରତୀୟ ଜନତା ପାର୍ଟି ବିଏମ୍‌ସିର ଏହି ନିଷ୍ପତି ବିରୋଧରେ ଜୋରଦାର ଆନ୍ଦୋଳନ ଆରମ୍ଭ କରିବ ବୋଲି ସୁନୀତି ଚେତାବନୀ ଦେଇଛନ୍ତି।

## ବରମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସଙ୍କୁଳସ୍ତରୀୟ ବିଜ୍ଞାନମେଳା

**ଭୁବନେଶ୍ୱର,୧୨।୮:** ବରମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ୟୁନିଟ୍-୮ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ସଙ୍କୁଳ ପ୍ରମୁଖ ଶ୍ରୀନିବାସ ନାୟକ ମେଳାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ ପ୍ରସନ୍ନ କିଶୋର ପୃଷ୍ଟି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଏହି ମେଳାରେ ସଙ୍କୁଳର ୭ଟି ବିଦ୍ୟାଳୟ ମଧ୍ୟରୁ ୬ଟି ବିଦ୍ୟାଳୟରୁ ୧୮୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର ବରିଷ୍ଠ ବୈଜ୍ଞାନିକ ଡ. ଅନ୍ତର୍ଯ୍ୟାମୀ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶୈକ୍ଷିକ ପ୍ରମୁଖ ଅଜୟ କୁମାର ଦାଶ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ୟୁନିଟ୍-୮ ସରସ୍ୱତୀ ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ପବିତ୍ର ମୋହନ ନାୟକ ଧନ୍ୟବାଦ ଦେଇଥିଲେ।

## ଓଡ଼ିଶା ଉଦ୍ଭିଦ ପରିଷଦର ଆଞ୍ଚଳିକ ସମ୍ମିଳନୀ

**ବାଲିଅନ୍ତା,୧୨।୮(ନୀଳମାଧବ ସାହୁ):** ରାଜଧାନୀ ଉପକଣ୍ଠ ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜଠାରେ ଶନିବାର ଓଡ଼ିଶା ଉଦ୍ଭିଦ ବିଜ୍ଞାନ ପରିଷଦର ଏକଦିବସୀୟ ଆଞ୍ଚଳିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଓଡ଼ିଶାର ବିଭିନ୍ନ ଜିଲାରୁ ୬୦ରୁ ଊର୍ଦ୍ଧ୍ୱ ଗବେଷକ, ଅଧ୍ୟାପିକା ଅଧ୍ୟାପକ ଯୋଗଦେଇଥିଲେ। ଏଥିରେ 'ଔଷଧୀୟ ଉଦ୍ୟାନ ଓ ଏହାର ଶିକ୍ଷା ଗବେଷଣା ଏବଂ ଚିକିତ୍ସା କ୍ଷେତ୍ରରେ ପ୍ରୟୋଗ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନର ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ ପ୍ରଫେସର ରାମଚନ୍ଦ୍ର ମହାନ୍ତି, ମୁଖ୍ୟ ବକ୍ତା ରୂପେ କୁଞ୍ଜବିହାରୀ ଶତପଥୀ ଓ ଡ. ସାଗର ମିଶ୍ର ଯୋଗଦେଇଥିଲେ। ଓଡ଼ିଶା ଉଦ୍ଭିଦ ବିଜ୍ଞାନ ପରିଷଦ ମୁଖ୍ୟ ତଥା ସମ୍ମିଳନୀ ସଭାପତି ଶାନ୍ତିଲତା ସାହୁ ପ୍ରାରମ୍ଭିକ ଅଭିଭାଷଣ ଓ କଲେଜ ଅଧକ୍ଷ ଡ. ସନ୍ତୋଷ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ। 'ବୃକ୍ଷରାଜିର ପରିଚିତ ଓ ସଂରକ୍ଷଣ' ଶୀର୍ଷକ ଆଲୋଚନାଚକ୍ରରେ ଡ. ଗୌରୀଶଙ୍କର ଜେନା, ଡ. ଅକ୍ତାରୀ ଖାତୁନ୍, ଡ. ରମାକାନ୍ତ ମିଶ୍ର, ଡ. ଶ୍ରୀମୟ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଡ. ଅରୁଣ ରଥ ଧନ୍ୟବାଦ ଦେଇଥିବାବେଳେ ଆଶୀର୍ବାଦ ମହାପାତ୍ର ଓ ଡ. ଅରୁଣ ରଥ ପରିଚାଳନା କରିଥଲେ।




ଆଦିତ୍ୟ ମେମୋରିଆଲ କୁଇଜ୍ ପ୍ରତିଯୋଗିତାରେ ଅତିଥିଙ୍କ ଗହଣରେ ପୁରସ୍କାର ସହ ତିନି ବିଜେତା ଦଳ।

# ଆଦିତ୍ୟ ମେମୋରିଆଲ କୁଇଜ୍ ପ୍ରତିଯୋଗିତା

ଭୁବନେଶ୍ୱର, ୧୨।୮(ଅସମାପିକା ସାହୁ)

- ଡିଏଭି ୟୁନିଟ୍- ୮ ଚାମ୍ପିୟନ
- ପ୍ରଥମ ରନର୍ସ ଅପ୍ ଲୟୋଲା, ଦ୍ୱିତୀୟ ରନର୍ସ ଅପ୍ ବ୍ଲେସ୍‌ଡ ସାକ୍ରାମେଣ୍ଟ ସ୍କୁଲ

ଲୟୋଲା ସ୍କୁଲ ଏବଂ ଆଦିତ୍ୟ ମେମୋରିଆଲ ଫାଉଣ୍ଡେଶନ ପକ୍ଷରୁ ତ୍ରୟୋଦଶ ଆଦିତ୍ୟ ମେମୋରିଆଲ କୁଇଜ୍ ପ୍ରତିଯୋଗିତା ଶନିବାର ଭୁବନେଶ୍ୱରର ଏକ୍ସଆଇଏମ୍‌ୟୁ ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଆନ୍ତଃ ସ୍କୁଲସ୍ତରୀୟ କୁଇଜ ପ୍ରତିଯୋଗିତାରେ ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡର ୨୭ଟି ସ୍କୁଲର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୁଇଜମାଷ୍ଟର ଅନିରୁଦ୍ଧ ଚୌଧୁରୀ ଓ ଅନୁରାଗ ସାମନ୍ତରାୟଙ୍କ ଟ୍ରିକି ପ୍ରଶ୍ନକୁ ସାମ୍ନା କରିଥିଲେ ଛାତ୍ରୀଛାତ୍ର। ଭୁବନେଶ୍ୱର ଡିଏଭି ପବ୍ଲିକ ସ୍କୁଲ ୟୁନିଟ୍- ୮ ଚାମ୍ପିୟନ ହୋଇଥିଲା। ତେବେ ଡିଏଭିକୁ କଡ଼ା ଟକ୍କର ଦେଇ ଭୁବନେଶ୍ୱର ଲୟୋଲା ସ୍କୁଲ ପ୍ରଥମ ରନର୍ସ ଅପ୍ ହୋଇଥିବାବେଳେ ପୁରୀର ବ୍ଲେସ୍‌ଡ ସାକ୍ରାମେଣ୍ଟ ସ୍କୁଲ ଦ୍ୱିତୀୟ ରନର୍ସ ଅପ୍ ରହିଥିଲା। ଡିଏଭି ପବ୍ଲିକ ସ୍କୁଲକୁ ୧୨,୫୦୦ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ପ୍ରଥମ ରନର୍ସ ଅପ୍‌କୁ ୭,୫୦୦ ଏବଂ ଦ୍ୱିତୀୟ ରନର୍ସ ଅପ୍‌କୁ ୫,୦୦୦ଟଙ୍କାର ଚେକ୍ ଦିଆଯାଇଥିଲା। ସେହିଭଳି ସେମିଫାଇନାଲ ଓ ଫାଇନାଲକୁ ଯାଇଥିବା ପ୍ରତ୍ୟକ ଛାତ୍ରୀଙ୍କୁ ୧ହଜାର ଲେଖାଏ ଟଙ୍କା ଦିଆଯାଇଥିଲା। ଏଥିସହିତ ଦର୍ଶକଙ୍କ ପାଇଁ ରହିଥିଲା ଭିନ୍ନ ଭିନ୍ନ ପ୍ରକାରର ପ୍ରଶ୍ନ ଏବଂ ଉତ୍ତର ରଖୁଥିବା ଦର୍ଶକଙ୍କୁ ଆକର୍ଷଣୀୟ ଉପହାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟର ଡାଇରେକ୍ଟର ଜେନେରାଲ ଇଣ୍ଟରନ୍ୟାଶନାଲ ରିଲେସନ୍ସ ଦେବରାଜ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କୁଇଜିଂ ପ୍ରତି ଥିବା ଇଚ୍ଛାଶକ୍ତିକୁ ପ୍ରଶଂସା କରିବା ସହିତ ଏଭଳି ପ୍ଲାଟ୍‌ଫର୍ମ ଛାତ୍ରୀଛାତ୍ର ଜ୍ଞାନକୁ ଦୃଢ଼ କରିଥାଏ ବୋଲି ମତପ୍ରକାଶ କରିଥିଲେ। ଆଦିତ୍ୟ ମେମୋରିଆଲ ଫାଉଣ୍ଡେଶନ ପ୍ରତିଷ୍ଠାତା ତଥା ଆଦିତ୍ୟଙ୍କ ବାପା ମିହିର କୁମାର ସାହୁ, ଫାଉଣ୍ଡେଶନ ସଦସ୍ୟ ଜୟଶ୍ରୀ ସାହୁ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସର ଡାଇରେକ୍ଟର ଅଜିତ ଶ୍ରୀବାସ୍ତବ, ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟର ଚିଫ୍ ଫିନାନ୍ସ ଅଫିସର ଏବଂ ଡେପୁଟି ରେଜିଷ୍ଟ୍ରାର ଲୟୋଲା ସ୍କୁଲ ସିନିୟର ସେକ୍ସନ ଉପାଧ୍ୟକ୍ଷା ନନ୍ଦିତା ପଟ୍ଟନାୟକ, ଜୁନିୟର ସେକ୍ସନ ଉପାଧ୍ୟକ୍ଷା ଏସ୍‌ଆର୍ ଏସ୍ଥର ଟପ୍ପୋ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସୂଚନାଯୋଗ୍ୟ, ଲୟୋଲା ସ୍କୁଲର ପୂର୍ବତନ ମେଧାବୀ ଛାତ୍ର ଆଦିତ୍ୟ ସାହୁଙ୍କର ୨୦୧୦ ଏପ୍ରିଲ ୧୮ରେ ମୃତ୍ୟୁ ଘଟିଥିଲା। ତାଙ୍କ ସ୍ମୃତିରେ ୨୦୧୧ରୁ ପ୍ରତିବର୍ଷ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଆସୁଛି।

## ବ୍ୟବସାୟ କରିବାରେ ସହଯୋଗ କରିବାକୁ ଥାନା ଅଧିକାରୀଙ୍କୁ ପତ୍ର

ଭୁବନେଶ୍ୱର, ୧୨।୮ (ବନ୍ଦନା ସେଠୀ)

ୟୁନିଟ-୨ ମାର୍କେଟ ବିଲ୍ଡିଂରେ ବ୍ୟବସାୟ କରିବାକୁ ନେଇ ସ୍ଥାୟୀ ଓ ଅସ୍ଥାୟୀ ବ୍ୟବସାୟୀଙ୍କ ମଧ୍ୟରେ ଲାଗିଥିବା ବିବାଦ ସମାଧାନର ନାଁ ଧରୁନି। ସେଣ୍ଟ୍ରାଲ କମିଟି ଆସୋସିଏଶନର ଦାବି ପୂରଣ ହେବାପରେ ମାର୍କେଟ ଖୋଲିବା ସହ ସ୍ୱାଭାବିକ ଭାବେ ବ୍ୟବସାୟ ଚାଲିଛି। ମାତ୍ର ଦୀର୍ଘ ବର୍ଷ ଧରି ଏଠାରେ ବ୍ୟବସାୟ କରି ଆସୁଥିବା ଅସ୍ଥାୟୀ ଦୋକାନୀଙ୍କ ଦୁଃଖ ସରୁନାହିଁ। ବିଏମ୍‌ସି ସେମାନଙ୍କ ଥଇଥାନ ପାଇଁ ଏଯାବତ୍ ଜାଗା ଚିହ୍ନଟ କରିପାରୁ ନ ଥିବାବେଳେ ଆସୋସିଏଶନ୍ ମାର୍କେଟ ଭିତରେ ବେପାର କରିବାକୁ ଦେଉ ନାହାନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ଉଠାଦୋକାନୀଙ୍କ ପକ୍ଷରୁ କ୍ୟାପିଟାଲ ଥାନା ଆଇଆଇସିଙ୍କୁ ପତ୍ର ପ୍ରଦାନ କରାଯାଇଛି। ସମ୍ପୃକ୍ତ ଉଠାଦୋକାନୀମାନେ ହାଇକୋର୍ଟରୁ ଷ୍ଟେ ଅର୍ଡର ଆଣିବା ସତ୍ତ୍ୱେ କାହା ସ୍ୱାର୍ଥରେ ସେମାନଙ୍କୁ ମାର୍କେଟ ଭିତରେ ବ୍ୟବସାୟ କରିବାକୁ ଦିଆଯାଉ ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଏଥିସହ ଆଇନ୍ ଅନୁଯାୟୀ ସେମାନଙ୍କୁ ବ୍ୟବସାୟ କରିବାକୁ ଦିଆଯିବା ସହ ପୋଲିସ ଏଥିରେ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଛି। ୭ଦିନ ଭିତରେ ଥାନାଧିକାରୀ ଏନେଇ ସହଯୋଗ ନ କରନ୍ତି ଏବଂ ଆସୋସିଏଶନ୍ ସହ ମିଶି ଉଠାଦୋକାନୀଙ୍କୁ ବ୍ୟବସାୟ କରିବାକୁ ବାରଣ କରନ୍ତି ତେବେ ତାଙ୍କ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ସଭାପତି ପ୍ରତାପ ସାହୁ କହିଛନ୍ତି। ଅପରପକ୍ଷେ ୧୬ ତାରିଖରେ ଉଠାଦୋକାନୀଙ୍କ ସହିତ ଆଲୋଚନା କରିବା ପାଇଁ ବିଏମ୍‌ସି ସ୍ଥିର କରିଛି।

## ଚତୁର୍ଥ ଦିନରେ ନବନିର୍ମାଣ ସ୍ୱରାଜ ସରକାର ସଂଘର ଅନଶନ



ଭୁବନେଶ୍ୱର,୧୨।୮(ଅଭିଜିତ ଦାସ)

ଭ୍ରଷ୍ଟାଚାର ରାଜ୍ୟ ସରକାରର ଅନ୍ତ ଘଟାଇବା ପାଇଁ ନବନିର୍ମାଣ ସ୍ୱରାଜ ସରକାର ସଂଘ ପକ୍ଷରୁ ପ୍ରାୟଶ୍ଚିତ ସପ୍ତାହ ଅଗଷ୍ଟ ୯ରୁ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଲୋୟର ପିଏମ୍‌ଜିରେ ସଂଘ ପକ୍ଷରୁ ଆରମ୍ଭ ହୋଇଥିବା ଅନଶନ ଶନିବାର ଚତୁର୍ଥ ଦିନରେ ପହଞ୍ଚିଛି। ସଂଘର କର୍ମକର୍ତ୍ତାମାନେ ଉପବାସରେ ରହି ଧାରଣା ଦେଇଛନ୍ତି। ସଂଘ ଆବାହକ ଅକ୍ଷୟ କୁମାର କହିଛନ୍ତି, ରାଜ୍ୟରେ ନବୀନ ସରକାର ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରତାରିତ କରୁଛନ୍ତି। ରାଜ୍ୟରେ ଠିକ୍ ଜନମତ ପ୍ରକାଶ ପାଇଲେ ବିଜେଡି ସରକାର ଅନାୟାସରେ ଭୁଶୁଡି ପଡିବ। ଗତ ନିର୍ବାଚନରେ ବିଜେଡି ସରକାର ଆମ ଗାଁ, ଆମ ବିକାଶ ନାମରେ ଗୋଟିଏ କ୍ଲବ ଘର ତିଆରି କରିଥିବାବେଳେ ଆଉ ଗୋଟିଏ ପାଳିରେ ଗାଁରେ ମନ୍ଦିର ତିଆରି କରୁଛନ୍ତି। ଶାସନ କାଳରେ ସ୍କୁଲଗୁଡ଼ିକର ରୂପାନ୍ତରଣ କରାଯାଇଥିଲେ ମଧ୍ୟ କେତେ ଛାତ୍ରଛାତ୍ର ସ୍କୁଲ ଆସୁଛନ୍ତି ସେଗୁଡିକର ତାଲିକା ରାଜ୍ୟ ସରକାରଙ୍କ ପାଖରେ ନାହିଁ। ରାଜ୍ୟରେ ସ୍ୱାସ୍ଥ୍ୟ, ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସରକାର ଫେଲ୍ ମାରିଛନ୍ତି। ସେହିପରି କାଳିଆ ଯୋଜନାରେ ଚାଷୀଙ୍କୁ ୧୦ରୁ ୧୨ ହଜାର ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ୪ ହଜାର ଟଙ୍କା ଦେଇ ଠକି ଦେଉଛନ୍ତି। ରାଜ୍ୟ ସରକାର ମିଥ୍ୟା ପ୍ରତିଶ୍ରୁତି ଦେବା ସହ ମୋଦିଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ବୋଲି କହି ସେ କଟାକ୍ଷ କରିଛନ୍ତି। ଏହି ଅନଶନସ୍ଥଳରେ ସଂଘର ଅଧିବକ୍ତା କ୍ଷୀରୋଦ ରାଉତ, ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ଡାକ୍ତର କୁଳମଣି, ରାଜ୍ୟ କମିଟି ସଭ୍ୟ ଦୀନେଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ୟୁନିଟ୍-୩ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସଙ୍କୁଳସ୍ତରୀୟ ବିଜ୍ଞାନ ମେଳାରେ ଛାତ୍ରମାନେ ପ୍ରକଳ୍ପ ଦେଖୁଛନ୍ତି।

# ୧୬ରେ ଆନ୍ଦୋଳନ ନିଷ୍ପତ୍ତି

**ନିୟମଗିରି ସୁରକ୍ଷା ସମିତି କର୍ମକର୍ତ୍ତାଙ୍କ ନାଁରେ ଲାଗିଥିବା ୟୁଏପିଏ ପ୍ରତ୍ୟାହାର ଦାବି**

ଭୁବନେଶ୍ୱର,୧୧।୮(ଅନୁରାଧା ମହାରଣା)



ନିୟମଗିରି ସୁରକ୍ଷା ସମିତିର କର୍ମକର୍ତ୍ତା ଓ ସମର୍ଥକଙ୍କ ବିରୋଧରେ ଲାଗିଥିବା ୟୁଏପିଏ ପ୍ରତ୍ୟାହାର ଦାବିରେ ବିଭିନ୍ନ ଜନ ଆନ୍ଦୋଳନ ଓ ମାନବାଧିକାର କର୍ମୀ ଆନ୍ଦୋଳନକୁ ଓହ୍ଲାଇବେ। ଶନିବାର ସ୍ଥାନୀୟ ଲୋହିଆ ଏକାଡେମୀରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଗଠନର କର୍ମକର୍ତ୍ତା ଏହି ସୂଚନା ଦେଇଛନ୍ତି। ସଂଗଠନର ଅଭିଯୋଗ ଅନୁସାରେ, ଅଗଷ୍ଟ ୫ରେ ବିଶ୍ୱ ଆଦିବାସୀ ଦିବସ ପାଳନ ପାଇଁ କଳାହାଣ୍ଡି ଜିଲାର ଲାଞ୍ଜିଗଡ଼ ହାଟରେ ନିୟମଗିରି ସୁରକ୍ଷା ସମିତିର କୃଷ୍ଣ ସିକକା ଓ ବାରି ସିକକା ଆଦିବାସୀ ଗାଁର ଲୋକଙ୍କୁ ଭେଟି ଖବର ଦେଉଥିଲେ। ଏହି ସମୟରେ ଏକ ବୋଲେରୋରେ ସାଦା ପୋଷାକଧାରୀ ପୋଲିସ ସେଠାରେ ପହଞ୍ଚି ସେମାନଙ୍କୁ ଉଠାଇ ନେଇଥିଲା। ହେଲେ ଏହି ଅପହରଣ କିମ୍ବା ଗିରଫଦାରିକୁ ଲାଞ୍ଜିଗଡ଼ ଓ କଲ୍ୟାଣସିଂହପୁର ଥାନା ଅଧିକାରୀ ଏବଂ କଳାହାଣ୍ଡି ଓ ରାୟଗଡ଼ା ଜିଲା ଆରକ୍ଷୀ ଅଧୀକ୍ଷକ ଅସ୍ୱୀକାର କରିଥିଲେ। ସମିତିର କର୍ମୀମାନେ କଲ୍ୟାଣସିଂପୁର ଥାନା ସମ୍ମୁଖରେ ବିକ୍ଷୋଭ କରିବା ସହ ପୋଲିସ ଉଠାଇ ନେଇଥିବା ଦୁଇ କର୍ମକର୍ତ୍ତାଙ୍କୁ ଗାଁରେ ପହଞ୍ଚାଇବା ପାଇଁ ଦାବିକରି ଦାବିପତ୍ର ମଧ୍ୟ ଦେଇଥିଲେ। ଉକ୍ତ ଦିନ କଲ୍ୟାଣସିଂହପୁର ଥାନା ପକ୍ଷରୁ ନିୟମଗିରି ସୁରକ୍ଷା ସମିତିର ନେତା ଲଦ ସିକକା, ଡ୍ରେଞ୍ଜୁ କୃସିକା ଓ ସମିତିର ଉପଦେଷ୍ଟା ଲିଙ୍ଗରାଜ ଆଜାଦ ତଥା ନିୟମଗିରି ଆନ୍ଦୋଳନକୁ ସଂହତି ଜଣାଉଥିବା କବି ଲେନିନ କୁମାରଙ୍କ ସମେତ ୯ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଏପରିକି ଅଗଷ୍ଟ ୬ରେ କଲ୍ୟାଣସିଂହପୁର ଥାନା ସମ୍ମୁଖରେ ଆୟୋଜିତ ପ୍ରତିବାଦରେ ନିୟମଗିରି ସୁରକ୍ଷା ସମିତିର ଉପଦେଷ୍ଟା ଲିଙ୍ଗରାଜ ଆଜାଦ ଅନୁପସ୍ଥିତ ଥିବା ସତ୍ତ୍ୱେ ତାଙ୍କ ନାମରେ ମଧ୍ୟ ମାମଲା ରୁଜୁ କରାଯାଇଛି। ଗତ ଦୁଇ ଦଶନ୍ଧି ଧରି ନିୟମଗିରି ପର୍ବତରୁ ବେଦାନ୍ତ ଓ ଅନ୍ୟ କମ୍ପାନୀଗୁଡିକର ବକ୍ସାଇଟ ଖଣି ଖନନକୁ ବିରୋଧ କରିଆସୁଥିବା ନିୟମଗିରି ସୁରକ୍ଷା ସମିତିର ସ୍ୱରକୁ ଚାପି ଦେବା ପାଇଁ ଏହା ପୋଲିସ ଓ ପ୍ରଶାସନର ଉଦ୍ୟମ ବୋଲି ଦର୍ଶାଯାଇଛି। ଏହି ଖବରଦାତା ସମ୍ମିଳନୀରେ ନିୟମଗିରି ସୁରକ୍ଷା ସମିତିର ଉପଦେଷ୍ଟା ଲିଙ୍ଗରାଜ ଆଜାଦ, ଲୋକଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସାମନ୍ତରା, ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ, ମିଥ୍ୟା ମକଦ୍ଦମା ବିରୋଧୀ ଅଭିଯାନର ଆବାହକ ନରେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ଗ୍ରନ୍ଥାଗାରିକ ଦିବସ ପାଳିତ

ଭୁବନେଶ୍ୱର, ୧୨।୮(ଅସମାପିକା ସାହୁ)

ଭାରତରେ ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନର ଜନକ ପଦ୍ମଶ୍ରୀ ଡ. ଏସ୍. ଆର. ରଙ୍ଗନାଥନ୍‌ଙ୍କ ଜନ୍ମତିଥି ଅଗଷ୍ଟ ୧୨କୁ ଜାତୀୟ ଗ୍ରନ୍ଥାଗାରିକ ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟସ୍ଥିତ ପରିଜା ପାଠାଗାର କର୍ମଚାରୀମାନେ ଡ. ରଙ୍ଗନାଥନଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିସହ ରଙ୍ଗନାଥନ୍‌ଙ୍କ ରଚିତ ବହୁ ମୂଲ୍ୟବାନ ପୁସ୍ତକ ପାଠାଗାରରେ ପ୍ରଦର୍ଶିତ କରାଯାଇଥିଲା। ନୂତନ ଟେକ୍ନୋଲୋଜି ଦ୍ୱାରା ସମୃଦ୍ଧ ପରିଜା ଇ-ପାଠାଗାର ସମ୍ପୂର୍ଣ୍ଣ ଭାବରେ ବିଦ୍ୟାର୍ଥୀଙ୍କ ଇ-ଶିକ୍ଷା ନିମନ୍ତେ ଉପଯୋଗ ହେଉଛି। ଆଗାମୀ ଦିନରେ ଡ. ରଙ୍ଗନାଥନ୍‌ଙ୍କ ସିଦ୍ଧାନ୍ତକୁ ପାଥେୟ କରି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାର୍ଥୀଙ୍କୁ ଗୁଣାତ୍ମକ ଓ ନୂତନ ଶୈଳୀରେ ପାଠପଢ଼ାର ସୁଯୋଗ ଦିଆଯିବ। ଏଥିନିମନ୍ତେ ସମସ୍ତ କର୍ମଚାରୀ ପ୍ରତିଶ୍ରୁତିବଦ୍ଧ ହେବାକୁ ମୁଖ୍ୟ ଗ୍ରନ୍ଥାଗାରିକା ଆଶାପୂର୍ଣ୍ଣା ପ୍ରିୟଦର୍ଶିନୀ ନାୟକ ପରାମର୍ଶ ଦେଇଛନ୍ତି।

# ୨୮ ଲକ୍ଷରୁ ଊର୍ଦ୍ଧ୍ୱ ଅଭିଭାବକଙ୍କ ଅଂଶଗ୍ରହଣ

ଭୁବନେଶ୍ୱର, ୧୨।୮(ଅସମାପିକା ସାହୁ)

**ରାଜ୍ୟବ୍ୟାପୀ ଅଭିଭାବକ-ଶିକ୍ଷକ ବୈଠକ**

ରାଜ୍ୟରେ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ୨୦୨୩-୨୪ ଶିକ୍ଷା ବର୍ଷର ଦ୍ୱିତୀୟ ଅଭିଭାବକ-ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା/ବିଦ୍ୟାଳୟ ପରିଚାଳନା ଏବଂ ଉନ୍ନୟନ କମିଟି ବୈଠକ ଶନିବାର ରାଜ୍ୟବାପୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କମିଟି ସଭ୍ୟଙ୍କ ସମେତ ୨୮ଲକ୍ଷରୁ ଊର୍ଦ୍ଧ୍ୱ ଅଭିଭାବକ ସ୍ୱତଃସ୍ଫୂର୍ତ୍ତ ଭାବେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ଶୈକ୍ଷିକ ଅଭିବୃଦ୍ଧି ନିମନ୍ତେ ଶିକ୍ଷଣ ସାମଗ୍ରୀ ଯୋଗାଣ, ସ୍ୱଚ୍ଛତା ପକ୍ଷ ପାଳନ, ସୁରଭି ଓ ମିଲେଟ୍ ମିଶନ ପ୍ରତିଯୋଗିତା, ଅନ୍‌ଲାଇନ୍ ସୁରକ୍ଷା, ସାଇବର ସଚେତନତା ଓ ବିଦ୍ୟାଳୟ/ଛାତ୍ରୀଛାତ୍ରଙ୍କ ନିରାପତ୍ତା ବ୍ୟବସ୍ଥା, ଋତୁକାଳୀନ ଛାତ୍ରାବାସ ଏବଂ ପରିବହନ ଓ ରକ୍ଷଣ ଅନୁଗାମୀ ବ୍ୟବସ୍ଥା, ସ୍ୱଳ୍ପ ଅବଧି ଧନ୍ଦାମୂଳକ କାର୍ଯ୍ୟକ୍ରମ ଓ ପରାମର୍ଶ ଶିବିର, ବାଲ୍ୟବିବାହ ଉପରେ ସଚେତନତା, ଛାତ୍ରୀଛାତ୍ରଙ୍କୁ ମାଗଣାରେ ପୋଷାକ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଉପକରଣ ପ୍ରଦାନ, 'ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ର ପରିଧାନ ଯୋଜନା', ମାଧ୍ୟମିକ ବିଦ୍ୟାଳୟରେ ହାଉସ ସିଷ୍ଟମ ପ୍ରଚଳନ, କ୍ୟାରିଅର ଯୋଜନା, ପିଲାଙ୍କ ମାନସିକ ଚାପ ଓ ଏହାର ଦୂରୀକରଣ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ରାଜ୍ୟ ସରକାରଙ୍କ ତରଫରୁ ବିଦ୍ୟାଳୟ ଶିକ୍ଷାର ବିକାଶ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପଗୁଡ଼ିକ ଉପରେ ବିଶଦ ଆଲୋଚନା ହୋଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଭିନ୍ନ ପଦାଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଦ୍ୟାଳୟ ପରିଦର୍ଶନ କରିଥିଲେ।



ବୈଠକରେ ଯୋଗଦେଇଥିବା ଶିକ୍ଷକ ଓ ଅଭିଭାବକମାନେ।

## ସଂକ୍ଷେପରେ

### ଜିଲା ସମବାୟ ସଂଘ ବୈଠକ

ଖୋର୍ଦ୍ଧା,୧୨।୮ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ସମବାୟ ସଂଘ ପରିଚାଳନା ପରିଷଦର ବୈଠକ ଖୋର୍ଦ୍ଧା କେନ୍ଦ୍ର ବ୍ୟାଙ୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଜିଲାରେ ସମବାୟ ଆନ୍ଦୋଳନକୁ ଅଧିକ କ୍ରିୟାଶୀଳ, ଲୋକାଭିମୁଖୀ ଓ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରି ସମସ୍ତ ପରିଚାଳନା ପରିଷଦକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଜିଲା ସମବାୟ ସଂଘ ସମ୍ପାଦକ ସାରଥି ଶତପଥୀ ବିଧାୟକ ଓ ଅଭିଷେକ ସିଂହସାମନ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବୈଠକରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବନଶ୍ରୀ ମଲ୍ଲିକ ଉପସ୍ଥିତ ଥିଲେ। ପରିଚାଳନା ପରିଷଦର ସଭ୍ୟ ଜଗନ୍ନାଥ ମଙ୍ଗରାଜ, ଯୋଗୀନାଥ ନାୟକ, ପବିତ୍ର କୁମାର ଭୁଜବଳ, ବିଜୟ କୁମାର ସେଠୀ, ଲଲାଟ କେଶରୀ ସିଂ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଦୀପ କୁମାର ପଟ୍ଟନାୟକ, ନିହାର ରଞ୍ଜନ ପ୍ରଧାନ, ସଞ୍ଜୟ ପଟ୍ଟନାୟକ, ରାଜେନ୍ଦ୍ର ନାରାୟଣ ମହାନ୍ତି, ଲଳିତ କର ପ୍ରମୁଖ ଉପସ୍ଥିତ ଥିଲେ।

### ମଦ ଜବତ, ଜଣେ ଗିରଫ

ବେଗୁନିଆ,୧୨।୮ (ହର ପ୍ରସନ୍ନ ପଣ୍ଡା)

ବେଆଇନଭାବେ ମଦ ବ୍ୟବସାୟ କରୁଥିବା ଅଭିଯୋଗରେ ବେଗୁନିଆ ଥାନା ପୋଲିସ ଜଣେ ବିକ୍ରେତାଙ୍କୁ ଶନିବାର ରାତିରେ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ତାଳଡୁମ୍ବ ଗ୍ରାମର ରତ୍ନାକର ସାହୁ। ତାଙ୍କ ନିକଟରୁ ୧୨ଲିଟର ଦେଶୀ ମଦ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୭୬/୨୩) ରୁଜୁ ହୋଇଛି। ସୂଚନା ମୁତାବକ, ରତ୍ନାକର ଦୀର୍ଘ ବର୍ଷ ହେବ ବେଆଇନଭାବେ ଦେଶୀ ମଦ ବ୍ୟବସାୟ କରିଆସୁଥିଲେ। ଅଭିଯୋଗ ସତ୍ତ୍ୱେ ପୋଲିସ ରତ୍ନାକରଙ୍କୁ ଗିରଫ କରିବା ପାଇଁ ଯୋଜନା କରି ବିଫଳ ହେଉଥିଲା। ଖବରପାଇ ପୋଲିସ ଅତର୍କିତ ଭାବେ ଚଢ଼ାଉ କରି ରତ୍ନାକରଙ୍କୁ ଗିରଫ କରିଥିଲା।

### ଅଧ୍ୟାପକଙ୍କ ପରଲୋକ

ଟାଙ୍ଗୀ,୧୨।୮ (ରଘୁନାଥ ସାହୁ)

ଟାଙ୍ଗୀ ଦୁର୍ଗା ଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷା ବିଭାଗର ଅଧ୍ୟାପକ ଡ. ରଶ୍ମି ରଞ୍ଜନ ନାଥଙ୍କ ଶନିବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୨ ବର୍ଷ ହୋଇଥିଲା। ଦୀର୍ଘଦିନ ଧରି ସେ ମଧୁମେହ ରୋଗରେ ପୀଡ଼ିତ ରହି ଚିକିତ୍ସିତ ହେଉଥିଲେ। ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରୁ ମୃତଶରୀର କାଲୁପଡା ରାଜେନ୍ଦ୍ରପୁରର ନିଜ ବାସଭବନରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସେ ଜଣେ ଛାତ୍ର ବତ୍ସଳ ଅଧ୍ୟାପକ ଓ ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଧିକାରୀଭାବେ ସମ୍ମାନିତ ହୋଇଥିଲେ। ତାଙ୍କ ମୃତ୍ୟୁରେ କଲେଜ ପରିଚାଳନା କମିଟିର ପୂର୍ବତନ ସଭାପତି ରଘୁନାଥ ସାହୁ, ଅଧ୍ୟକ୍ଷ ସିତାଂଶୁ ଭୂଷଣ ନନ୍ଦ, ସାହିତ୍ୟ ଘର ସଭାପତି ବିଜୟ କୁମାର ରାଉତ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

# ୮ ଶ୍ରେଣୀକୁ ୫ ଶିକ୍ଷକ

ବୋଲଗଡ଼,୧୨।୮ (ଦେବବ୍ରତ ହୋତା)

**ଶଙ୍କରପୁର ଉ.ପ୍ରା. ବିଦ୍ୟାଳୟ**
- ଚେୟାର, ଟେବୁଲ ଅଭାବରୁ ତଳେ ବସି ପଢୁଛନ୍ତି
- ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି




ବିଦ୍ୟାଳୟର ଉନ୍ନତୀକରଣ ଓ ଶିକ୍ଷାର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା କରିବା ସହିତ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏହି ଯୋଜନାସବୁ କେଉଁଠି ପହଞ୍ଚୁଛି ତ କେଉଁଠି ପହଞ୍ଚି ପାରୁନାହିଁ। ଫଳରେ ଅନେକ ସ୍ଥାନରେ ଶିକ୍ଷକ ଏବଂ ଶ୍ରେଣୀଗୃହର ଅଭାବ ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ବୋଲଗଡ଼ ଶିକ୍ଷା ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ଏହି ବ୍ଲକ ଅଧୀନ ଆରିକମା ପଞ୍ଚାୟତ ଶଙ୍କରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୮ ଶ୍ରେଣୀକୁ ୫ ଶିକ୍ଷକ ରହିଥିବା ବେଳେ ୬ଟି ଶ୍ରେଣୀଗୃହ ରହିଛି। ଏଥିରେ ଶିକ୍ଷାଦାନ ବାଧାପ୍ରାପ୍ତ ହେବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ବିଭାଗୀୟ ଅଧିକାରୀ ଦୃଷ୍ଟିଦେବା ସହିତ ଶିକ୍ଷକ ଅଭାବ ଦୂର କରିବା ଓ ନୂତନ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ଦାବି ହୋଇଛି।

୧୯୧୪ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଏଠାରେ ୨୧୦ ବିଦ୍ୟାର୍ଥୀ ଅଧ୍ୟୟନ କରୁଥିବା ବେଳେ ୫ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ପ୍ରତି ଶ୍ରେଣୀ ପାଇଁ ଗୋଟିଏ ଲେଖାଏ ଓ ପ୍ରଧାନ ଶିକ୍ଷକ କାର୍ଯ୍ୟାଳୟକୁ ମିଶାଇ ୯ଟି କକ୍ଷର ଆବଶ୍ୟକ ଥିବା ସ୍ଥଳେ ୬ଟି ଶ୍ରେଣୀଗୃହ ରହିଛି। ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଗୋଟିଏ କକ୍ଷ, ୪ର୍ଥ ଓ ୫ମ ଶ୍ରେଣୀ ବିଦ୍ୟାର୍ଥୀ ଗୋଟିଏ କକ୍ଷରେ ପାଠ ପଢୁଛନ୍ତି। ଚେୟାର ଟେବୁଲ ଅଭାବରୁ ପିଲାମାନେ ତଳେ ବସି ପଢୁଛନ୍ତି। ଏପରିକି ଏହି ବିଦ୍ୟାଳୟଟି ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ଦୁଇପାର୍ଶ୍ୱରେ ଥିବାରୁ ବିଦ୍ୟାର୍ଥୀ ଓ ଶିକ୍ଷକମାନଙ୍କ ପାଇଁ ଚଳପ୍ରଚଳ ନେଇ ବିପଦ ସାଜିଛି। ନୂତନ ଶ୍ରେଣୀଗୃହ ଓ ଆବଶ୍ୟକ ଶିକ୍ଷକ ପଦବୀ ପୂରଣ ପାଇଁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷ ଓ ସ୍ଥାନୀୟ ଜନପ୍ରତିନିଧିଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ ବୋଲି କହିଛନ୍ତି ସଭାପତି ସତ୍ୟ ନାରାୟଣ ମହାପାତ୍ର। ଏପରିସ୍ଥଳେ ସ୍ୱଚ୍ଛ ଶିକ୍ଷାଦାନ ପାଇଁ ଆବଶ୍ୟକ ୩ ଶିକ୍ଷକ ଓ ୩ଟି ଶ୍ରେଣୀଗୃହ ପାଇଁ ଅନୁଦାନ ଯୋଗାଇଦେବାକୁ ଅଭିଭାବକମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ପଦ୍ମଚରଣ ବେହେରା କହିଛନ୍ତି, ଖୁବ୍‌ଶୀଘ୍ର ଗୋଟିଏ ପଦବୀ ପୂରଣ କରାଯିବ। ଶିକ୍ଷକଙ୍କ ଅବସର ପରେ ପଦବୀ ପୂରଣ ହେଉ ନ ଥିବାରୁ ଶିକ୍ଷକଙ୍କ ଅଭାବ ଦେଖାଦେଇଛି। ନୂତନ ଶ୍ରେଣୀଗୃହ ପାଇଁ ପଞ୍ଚାୟତ ଦାୟିତ୍ୱ ନେଇଛି ବୋଲି ବେହେରା କହିଛନ୍ତି।

## ବାଲ୍ୟବିବାହ, ଶିଶୁ ଶ୍ରମିକମୁକ୍ତ ପାଇଁ ଶପଥ ପାଠ


ଶିକ୍ଷୟିତ୍ରୀ ଶିକ୍ଷକମାନେ ଶପଥ ନେଉଛନ୍ତି।

ନିରାକାରପୁର,୧୨।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

ଡିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ବେହେରାଙ୍କ ସଭାପତିତ୍ୱରେ ବାଲ୍ୟବିବାହ, ଶିଶୁ ସୁରକ୍ଷା ସମ୍ପର୍କରେ ଆଲୋଚନା ଓ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତେବେ ଅଧାରୁ ପାଠ ଛାଡୁଥିବା ପିଲାମାନଙ୍କୁ ସ୍କୁଲକୁ ଫେରାଇ ଆଣିବା, ଜିଲା ଶିଶୁ ସୁରକ୍ଷାକୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା, ଅଭିଭାବକମାନଙ୍କୁ ସଚେତନ କରାଇବା, ସର୍ବୋପରି ଝିଅକୁ ୧୮ ଓ ପୁଅକୁ ୨୧ ବର୍ଷ ବୟସ ନ ହେବା ପର୍ଯ୍ୟନ୍ତ ବିବାହକୁ ଅନୁମତି ନ ଦେବା ଆଦି ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମ, ବ୍ଲକ ଓ ଜିଲାକୁ ବାଲ୍ୟବିବାହ, ଶିଶୁ ଶ୍ରମିକମୁକ୍ତ କରିବା ସହ ଶିଶୁ ସୁରକ୍ଷାକୁ ଗୁରୁତ୍ୱ ଦେବା ପାଇଁ ଶିକ୍ଷକ ଓ ଅଭିଭାବକ ଶପଥ ନେଇଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ବିଜୟ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ପ୍ରସନ୍ନ କୁମାର ପଣ୍ଡିତ, ଶିକ୍ଷୟିତ୍ରୀ କବିଲତା ଦାଶ, ଅନସୂୟା ଦେଈ, ମୋ ସ୍କୁଲ ଅଭିଯାନର ସମ୍ପାଦକ ଶରତ କୁମାର ସାହୁ, ଧନେଶ୍ୱର ସାହୁ, ଅଶୋକ କୁମାର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।


ପୋଢ଼ାଡିହ ସ୍ଥିତ ଭାରତୀୟ ବିଦ୍ୟା ନିକେତନ ପରିସରରେ ଶନିବାର ଆୟୋଜିତ ପୁଷ୍ପ ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଏବଂ ପିଲାମାନେ।

## ଭାରତୀୟ ବିଦ୍ୟା ନିକେତନରେ ପୁଷ୍ପ ପ୍ରଦର୍ଶନୀ

ବାଘମାରୀ (ଶୁଭକାନ୍ତ ମହାପାତ୍ର)/ ବେଗୁନିଆ, ୧୨।୮ (ହରପ୍ରସନ୍ନ ପଣ୍ଡା)

ପୋଢ଼ାଡିହ ସ୍ଥିତ ଭାରତୀୟ ବିଦ୍ୟା ନିକେତନ ପରିସରରେ ବିଦ୍ୟାଳୟର ଅରୁଣ ଓ ଉଦୟ ଶ୍ରେଣୀର ପିଲାମାନଙ୍କୁ ନେଇ ଏକ ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ଫୁଲର ନାମ, ରଙ୍ଗ, ଉପାଦେୟତା, ସଂଖ୍ୟାଜ୍ଞାନ, ସୃଜନ ଶକ୍ତିର ବୃଦ୍ଧି ସମେତ ବୌଦ୍ଧିକ ବିକାଶରେ ସହାୟକ ହେବ। ଏଭଳି ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ପିଲାମାନଙ୍କ ସର୍ବାଙ୍ଗୀନ ଉନ୍ନତି ସମ୍ଭବ ହେଉଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ସୁଷମା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଗୁରୁମା ସୁକାନ୍ତି ଜେନା, ଗୀତାଞ୍ଜଳି ପ୍ରଧାନ, ଜ୍ୟୋସ୍ନାମୟୀ ଜେନା, ବିଷ୍ଣୁପ୍ରିୟା ତ୍ରିପାଠୀ, ଭାରତୀ ପ୍ରହରାଜ, ମୋନାଲିସା ପଟ୍ଟନାୟକ, ସୁଜାତା ପାଣିଗ୍ରାହୀ, ସୁଧଲତା ପାତ୍ର, ରୂପଶ୍ରୀ ବେହେରା, ସୁଜାତା ମହାନ୍ତି, ଚିନ୍ମୟୀ ମହାପାତ୍ର ଓ ଅନୁଷ୍ଠାନର କୋଷାଧ୍ୟକ୍ଷ ସୁରେନ୍ଦ୍ର ମହାନ୍ତି ସହଯୋଗ କରିଥିଲେ।

## ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ କୁନି ବୈଜ୍ଞାନିକ ଏବଂ ଅନ୍ୟମାନେ।

ବୋଲଗଡ଼,୧୨।୮ (ଦେବବ୍ରତ ହୋତା)

ବୋଲଗଡ଼ ସରସ୍ୱତୀ ଶିଶୁମନ୍ଦିରରେ ଶନିବାର ରାଜସୁନାଖଳା ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୫୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସଂସ୍କୃତିମଞ୍ଚ, ବିଜ୍ଞାନ ଓ ଗଣିତ ପ୍ରଶ୍ନ ମଞ୍ଚ, ପତ୍ରବାଚନ, ପ୍ରୟୋଗ ଓ ମୂର୍ତ୍ତି କଳା ଆଦି ବିଭାଗରେ କ୍ଲଷ୍ଟର ଅଞ୍ଚଳରୁ ଆସିଥିବା ୧୦ଟି ଶିଶୁମନ୍ଦିରରୁ ୧୭୧ଜଣ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ବିଭାଗରୁ ପ୍ରଥମ ସ୍ଥାନରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ବିଭାଗସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବାକୁ ଚୟନ କରାଯାଇଛି। ଆୟୋଜକ ଅନୁଷ୍ଠାନର ସଭାପତି ପ୍ରାଧ୍ୟାପକ ଗାନ୍ଧୀ କୁମାର ସାହଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ବାସୁଦେବ ବେହେରା, ମୁଖ୍ୟ ବକ୍ତା ସଂକୁଳ ପ୍ରମୁଖ ସାନନ୍ଦ କୁମାର ସାହୁ, ଅତିଥିଭାବେ ସଂକୁଳ ସଂଯୋଜକ ନିରଞ୍ଜନ ତରାସ ଯୋଗଦେଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ବିରଞ୍ଚି କୁମାର ସାହୁ ପରିଚୟ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ଓ ସ୍ଥାନୀୟ ଶିଶୁମନ୍ଦିରର ସମ୍ପାଦକ ରାମଚନ୍ଦ୍ର ସାହୁ ଯୋଗଦେଇ ଏହି କାର୍ଯ୍ୟକ୍ରମର ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଦେବ ପ୍ରସାଦ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଆଚାର୍ଯ୍ୟା ଆଚାର୍ଯ୍ୟ ସହଯୋଗ କରିଥିଲେ।

## ପିଲାଙ୍କ ଶୈକ୍ଷିକ ବିକାଶ, ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ

ଖୋର୍ଦ୍ଧା,୧୨।୮ (ପ୍ରଭାତ ପାଣିଗ୍ରାହୀ)

**ବିଜେବି ହାଇସ୍କୁଲରେ ଅଭିଭାବକ ସମ୍ମିଳନୀ**

ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ହାଇସ୍କୁଲର ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ମୋ ବିଦ୍ୟାଳୟ ପରିଚାଳନା କମିଟିର ମିଳିତ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷା, ଶୈକ୍ଷିକ ବାତାବରଣ ତଥା ବିଦ୍ୟାଳୟର ଭିତ୍ତିଭୂମି ବିକାଶରେ ଅଭିଭାବକଙ୍କ ସହାଭାଗିତାକୁ ଗୁରୁତ୍ୱ ଦେଇଥିଲେ। ଶିଶୁଙ୍କ ସାମଗ୍ରିକ ବିକାଶରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହ ଅଭିଭାବକଙ୍କ ଗୁରୁଦାୟିତ୍ୱ ରହିଛି। ଉଭୟଙ୍କ ମଧ୍ୟରେ ସମନ୍ୱୟ ରହିଲେ ଶିଶୁର ଶୈକ୍ଷିକ, ମାନସିକ, ଶାରୀରିକ, ବୌଦ୍ଧିକ ବିକାଶ ଘଟିପାରିବ ବୋଲି କହିଥିଲେ। ବରିଷ୍ଠ ଶିକ୍ଷକ ବିଭୁ ପ୍ରସାଦ ସେନାପତି, ନବକୃଷ୍ଣ ମିଶ୍ର, ବିଭୁ ପ୍ରସାଦ ପଣ୍ଡା ପ୍ରମୁଖ କହିଥିଲେ, ପିଲାମାନେ ବିଦ୍ୟାଳୟରେ କ'ଣ ପଢୁଛନ୍ତି, ପାଠପଢ଼ା କିପରି ଚାଲିଛି ସେ ସମ୍ପର୍କରେ ଅଭିଭାବକମାନେ ଧ୍ୟାନ ଦିଅନ୍ତୁ। କେଉଁ ବିଷୟରେ ପିଲାଙ୍କ ଦୁର୍ବଳତା ରହିଛି, ସେନେଇ ସମ୍ପୃକ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ପିଲାଙ୍କ ଗତିବିଧି ଉପରେ ନଜର ରଖିବାକୁ କହିଥିଲେ। ଶିକ୍ଷକ ଚକ୍ରଧର ଦାସ, ଶ୍ରୀରାମ ଭୂୟାଁ, ଶିକ୍ଷୟିତ୍ରୀ ନିବେଦିତା ଛୁଆଳସିଂ, ରୋଜାଲିନ୍ ରାଉତରାୟ, ସବିତା ଦାଶ, ସ୍ନିଗ୍ଧା ଦାଶ, ଜ୍ୟୋତିର୍ମୟୀ ପଣ୍ଡା, ସୀମାରାଣୀ ବେହେରାଙ୍କ ସମେତ ଏକାଧିକ ଅଭିଭାବକ ଉପସ୍ଥିତ ଥିଲେ। ଏହି ଅବସରରେ ନବନିଯୁକ୍ତ ପ୍ରଧାନ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଭିତ୍ତିଭୂମି, ପିଲାଙ୍କ ପାଠପଢ଼ା, ଶୈକ୍ଷିକ ବିକାଶ ପ୍ରତି ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି।

## ମହିଳାଙ୍କୁ ଫାଉଡାରେ ଆକ୍ରମଣ, ଜଣେ ଗିରଫ

ଜଟଣୀ,୧୨।୮ (ରବୀନ୍ଦ୍ର ନାଥ ମହାକୁଡ଼)

ମହିଳାଙ୍କୁ ଫାଉଡ଼ାରେ ଆକ୍ରମଣ ଘଟଣାରେ ଜଟଣୀ ଥାନା ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଡେଲାଙ୍ଗ ଥାନା ଅଧୀନ ହରିରାଜପୁର ବଙ୍ଗ ଅଞ୍ଚଳର ପପୁ ଓରଫ ପ୍ରଫୁଲ ବାରିକ(୪୬)। ତାଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ଫାଉଡା ଜବତ ହୋଇଛି। ସୂଚନା ମୁତାବକ, ଗତ ୨୭ ତାରିଖରେ କୌଣସି କାରଣକୁ ନେଇ ସମ୍ପୃକ୍ତ ମହିଳାଙ୍କୁ ଅଭିଯୁକ୍ତ ପପୁ ଗାଳିଗୁଲଜ କରିବା ସହିତ ଜୀବନରେ ମାରିଦେବା ପାଇଁ ଏକ ଫାଉଡାରେ ଆକ୍ରମଣ କରିଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୨୭୭/୨୩)ରୁଜୁ କରିବା ସହ ତଦନ୍ତ ଚଳାଇଥିଲା।

## 'ଦେଶ ମାତୃକାର ଟେକ ପାଇଁ ମନ ଓ ପ୍ରାଣକୁ ଉତ୍ସର୍ଗ କର'

ବେଗୁନିଆ,୧୨।୮ (ହର ପ୍ରସନ୍ନ ପଣ୍ଡା)

**ବେଗୁନିଆ ମହାବିଦ୍ୟାଳୟରେ 'ମେରି ମିଟି ମେରା ଦେଶ' କାର୍ଯ୍ୟକ୍ରମ**

ବେଗୁନିଆ ମହାବିଦ୍ୟାଳୟ ପରିସରରେ ଶନିବାର 'ମେରି ମିଟି ମେରା ଦେଶ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ବିଭାଗ ଆନୁକୂଲ୍ୟରେ ଆୟୋଜିତ ସମାରୋହରେ ଅଧ୍ୟକ୍ଷା ଡ. ସବିତାଞ୍ଜଳି ସେନାପତି ସଭାପତିତ୍ୱ କରିଥିଲେ। ସେବାନିବୃତ୍ତ ସେନା କର୍ମଚାରୀ ଜନାର୍ଦ୍ଦନ ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ବିଜୟଲକ୍ଷ୍ମୀ ସୁବୁଦ୍ଧି ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ପଙ୍କଜ କୁମାର କର, ଡ. ସତ୍ୟଜିତ୍ ଦାସ, ସଲୀଳ କୁମାର ବଡ଼ଜେନା, ନମିତାରାଣୀ ମହାରଣା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀ ଉତ୍କଳିକା ସାହୁ, ସୋନମ୍ ମହାନ୍ତି, ଜ୍ୟୋତିରାଣୀ ଗନ୍ତାୟତ, ପ୍ରିୟଦର୍ଶିନୀ ନିଶଙ୍କ, ଜଗନ୍ନାଥ ମହାପାତ୍ର ପ୍ରମୁଖ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ପ୍ରବନ୍ଧ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦେଶ ମାତୃକାର ଟେକ ବଜାୟ ରଖିବାକୁ ହେଲେ ନିଜର ମନ ଓ ପ୍ରାଣ ଉତ୍ସର୍ଗ କରିବାକୁ ଅତିଥି ବେହେରା କହିଥିଲେ। ଛାତ୍ରୀଛାତ୍ର ହେଉଛନ୍ତି ରାଷ୍ଟ୍ରର ଭବିଷ୍ୟତ। ଇଚ୍ଛାଶକ୍ତିକୁ ଦୃଢ଼ କର, ତେବେ ଭାରତ ଭଳି ପ୍ରଗତିଶୀଳ ରାଷ୍ଟ୍ର ସର୍ବୋଚ୍ଚ ସ୍ଥାନ ବଜାୟ ରଖିବ ବୋଲି ଅଧ୍ୟକ୍ଷା ସେନାପତି କହିଥିଲେ। ପରେ ଅଧ୍ୟକ୍ଷା ପିଲାମାନଙ୍କୁ ପଞ୍ଚପ୍ରାଣ ଶପଥପାଠ କରାଇଥିଲେ। ଶେଷରେ ଅଧ୍ୟାପକ ନବକିଶୋର ବିଶୋୟୀ ଧନ୍ୟବାଦ ଦେଇଥିଲେ।


ଅଧ୍ୟକ୍ଷା ଛାତ୍ରୀଛାତ୍ରଙ୍କୁ ପଞ୍ଚପ୍ରାଣ ଶପଥ ପାଠ କରାଉଛନ୍ତି।

## 'ମିଶନ ଶକ୍ତି ମହିଳାଙ୍କୁ ଆତ୍ମନିର୍ଭର କରିଛି'

ଖୋର୍ଦ୍ଧା,୧୨।୮ (ପ୍ରଭାତ ପାଣିଗ୍ରାହୀ)


କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ଅନ୍ୟମାନେ।

**ତାରିଣୀ ଗ୍ରୁପ୍‌ର ଫିନାଇଲ ପ୍ରସ୍ତୁତି ଶୁଭାରମ୍ଭ**

ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ପଞ୍ଚାୟତ ଅନ୍ତର୍ଗତ କୁମାରବସ୍ତ ଗ୍ରାମର ତାରିଣୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି) ଦ୍ୱାରା ଫିନାଇଲ ପ୍ରସ୍ତୁତିର ଶୁଭାରମ୍ଭ ଶନିବାର ହୋଇଯାଇଛି। ଗ୍ରାମର ଲୋକେଶ୍ୱର ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ କ୍ଷୀରାବ୍ଧୀ ତନୟା ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏଥିସହିତ ମନ୍ଦିର ପରିସରରେ ଏକ ଥଣ୍ଡାପାନୀୟ ଉଦ୍‌ଘାଟନ କରାଯାଇଛି। ସ୍ଥାନୀୟ ସରପଞ୍ଚ ସ୍ୱର୍ଣ୍ଣପ୍ରଭା ସେଠୀ, ପଞ୍ଚାୟତ ମହାସଂଘ ସଭାପତି ମମତା ବେହେରା, ପଞ୍ଚାୟତ ଏମ୍‌ବିକେ ସଚଳା ପ୍ରଧାନ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଏସ୍‌ଏଚ୍‌ଜିର ସମସ୍ତ ସଦସ୍ୟା ଯୋଗଦେଇଥିଲେ। ଏହି ଅବସରରେ ବିଡିଓ ସାହୁ କହିଥିଲେ, ମିଶନ ଶକ୍ତି ଜରିଆରେ ମହିଳାଙ୍କୁ ଆର୍ଥିକସ୍ତରରେ ସ୍ୱାବଲମ୍ବୀ ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି ଗ୍ରୁପ୍‌ର ମହିଳାମାନେ ପ୍ରଥମଥର ପାଇଁ ଫିନାଇଲ ଉତ୍ପାଦନ ଆରମ୍ଭ କରିଛନ୍ତି। ଏହାର ବଜାର ଉପଲବ୍ଧି, ବିକ୍ରି ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦିଆଯିବ। ଖୋର୍ଦ୍ଧା ବ୍ଲକର ସମସ୍ତ ପ୍ରଶାସନିକ କାର୍ଯ୍ୟାଳୟରେ ଏହି ଫିନାଇଲ ବ୍ୟବହାର କରାଯିବ। ସରପଞ୍ଚ ସେଠୀ କହିଥିଲେ, ମହିଳାମାନେ ଆତ୍ମନିର୍ଭରଶୀଳ ହେବାକୁ ଚାହୁଁଛନ୍ତି ଜାଣିବା ପରେ ବିଡିଓଙ୍କ ସହ ଯୋଗାଯୋଗ କରି ଫିନାଇଲ ପ୍ରସ୍ତୁତି ପ୍ରଶିକ୍ଷଣ ଦିଆଯାଇଥିଲା। ତାରିଣୀ ଗ୍ରୁପ୍ ତା'ର ଉତ୍ପାଦନ ଆରମ୍ଭ କରିଛି। ଏହାର ବିକ୍ରି ପାଇଁ ଗୁରୁତ୍ୱ ଦିଆଯାଇଛି। ପଞ୍ଚାୟତରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନ, ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ତଥା ଏଠାରେ ଥିବା ଶିଳ୍ପସଂସ୍ଥାରେ ଏହାର ଯେପରି ବିକ୍ରି ହୋଇପାରିବ ସେଥିପ୍ରତି ଦୃଷ୍ଟି ଦିଆଯିବ। ପଞ୍ଚାୟତର ଏମ୍‌ବିକେ ପ୍ରଧାନ କହିଥିଲେ, ମିଶନ ଶକ୍ତି ମହିଳାଙ୍କୁ ସ୍ୱାବଲମ୍ବୀ ଦିଗରେ କାର୍ଯ୍ୟ କରୁଛି। ମହିଳାଙ୍କ ଆର୍ଥିକ କ୍ଷେତ୍ରରେ ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉଛି। ଏସ୍‌ଏଚ୍‌ଜି ଦ୍ୱାରା ଆଚାର, ବଡ଼ି, ପାମ୍ପଡ଼ ବ୍ୟତୀତ ଇକୋ-ଫ୍ରେଣ୍ଡଲି ରାଖି, ଘରୋଇ ସାଜସଜ୍ଜା, ଉପକରଣ ପ୍ରଭୃତି ପ୍ରସ୍ତୁତ ହେଉଛି। ଆଧୁନିକ ଜ୍ଞାନକୌଶଳ ଦ୍ୱାରା ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ପ୍ରଶିକ୍ଷଣ ପ୍ରଦାନ କରାଯାଇ ଆତ୍ମନିର୍ଭର ପାଇଁ ପ୍ରଚେଷ୍ଟା କରାଯିବ। ତାରିଣୀ ଏସ୍‌ଏଚ୍‌ଜି ସଭାପତି ରେଣୁବାଳା ପ୍ରଧାନ ଓ ସମ୍ପାଦକ ପ୍ରଭାତି ରାଣା କୁହନ୍ତି, ଏହି ଗ୍ରୁପ୍‌ରେ ୧୦ ସଦସ୍ୟା ରହିଛନ୍ତି। ନିଜସ୍ୱ ଉଦ୍ୟମରେ ଉତ୍ପାଦନ ଆରମ୍ଭ ପାଇଁ ସମସ୍ତଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ହୋଇଥିଲା। ସମସ୍ତେ ମିଳିମିଶି ଏକ ଉତ୍ପାଦକ ସଂସ୍ଥା ଆରମ୍ଭ ପାଇଁ ମନସ୍ଥ କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ସହଯୋଗର ହାତ ବଢ଼ାଇଥିଲେ। ପ୍ରଥମ ପର୍ଯ୍ୟାୟରେ ଫିନାଇଲ ପ୍ରସ୍ତୁତି ପ୍ରଶିକ୍ଷଣ ନେବା ପରେ ସ୍ୱଳ୍ପ ଟଙ୍କାରେ ଏହାକୁ ଆରମ୍ଭ କରାଯାଇଛି। ଧଳା ଏବଂ କଳା ଫିନାଇଲ ଯଥାକ୍ରମେ ଏକ ଲିଟର ଓ ୫ଶହ ଏମ୍‌ଏଲ୍ କରାଯାଇଛି। ବଜାର ଚାହିଦା, ଉପଲବ୍ଧିକୁ ଦେଖି ଅଧିକ ପ୍ରସ୍ତୁତ ପାଇଁ ଯୋଜନା କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ବ୍ୟାପକ କରାଯିବ ବୋଲି ସେ କହିଛନ୍ତି।

# ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୨।୮।୨୦୨୩

| ୭,୪୧,୬୧୧ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# 'ଚିକିତ୍ସାରେ ପରୀକ୍ଷାଗାର ପ୍ରଯୁକ୍ତି ଗୁରୁତ୍ୱପୂର୍ଣ୍ଣ'

**ଲାବୋରେଟୋରି ଟେକ୍ନୋଲୋଜି ସଂକ୍ରାନ୍ତ ରାଜ୍ୟସ୍ତରୀୟ ଆଲୋଚନାଚକ୍ର**

ପୁରୀ,୧୨।୮ (ଅଜିତ୍ ମହାନ୍ତି)




ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିମାନେ ।

ଗୋପାଳପୁରସ୍ଥିତ ଆଇଏମ୍‌ଟି ଫାର୍ମାସୀ କଲେଜର ମେଡିକାଲ ଲାବୋରେଟୋରି ଟେକ୍ନୋଲୋଜି ବିଭାଗ ପକ୍ଷରୁ ୫ମ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଶନିବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। 'ଲାବୋରେଟୋରି ଟେକ୍ନୋଲୋଜିରେ ଗବେଷଣାତ୍ମକ ବିକାଶ-୨୦୪୦ ମସିହାର ଦୃଷ୍ଟିକୋଣ' ଶୀର୍ଷକ ଆଲୋଚନାଚକ୍ରରେ ଅତିଥିଙ୍କ ସମେତ ଓଡ଼ିଶାର ବିଭିନ୍ନ କଲେଜରୁ ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଡ. ବିଶ୍ୱନାଥ ରଥଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ତ୍ରିଲୋଚନ ବରାଳ ମୁଖ୍ୟ ଅତିଥି ଭାବେ ମଞ୍ଚାସୀନ ଥିଲେ। ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ଅର୍ଜୁନ ଚରଣ ଦାସ, ଇ-୨୪ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଇଂ. ରାଜେଶ ମିଶ୍ର, ସଞ୍ଜୀବନୀ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡା. ଦେବେନ୍ଦ୍ରନାଥ ତରେଇ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଲାବୋରେଟୋରି ଟେକ୍ନୋଲୋଜି ଏବଂ ଟେକ୍ନିସିଆନମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କଲେଜ ଅଧ୍ୟକ୍ଷ ଡ. ଅଗ୍ନିମିତ୍ର ଦିଣ୍ଡା ସ୍ୱାଗତ ଭାଷଣ ଏବଂ ପାଠ୍ୟକ୍ରମ ନିର୍ଦ୍ଦେଶକ ଡ. ଅନ୍ନଦା ପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ମନୋଜ ରଥ ସଭାରେ ପୌରୋହିତ୍ୟ କରି ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆଇଏମ୍‌ଟି ସର୍ବଦା ଗୁଣାତ୍ମକ ଶିକ୍ଷାଦାନ କରି ଉତ୍ତମ ଲାବୋରେଟୋରି ଟେକ୍ନିସିଆନ ସୃଷ୍ଟି କରିଆସିଛି ବୋଲି କହିଥିଲେ। ଛାତ୍ରୀଛାତ୍ରଙ୍କୁ ଆଗାମୀ ଦୁଇ ଦଶନ୍ଧିରେ ସମ୍ଭାବନା ବିଷୟରେ ଅବଗତ କରାଇବା ପାଇଁ ଉକ୍ତ ଆଲୋଚନାଚକ୍ର ଉଦ୍ଦିଷ୍ଟ ବୋଲି ସେ କହିଥିଲେ। ଅଧ୍ୟାପକ କମଳାକାନ୍ତ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ଶ୍ରୀଜଗନ୍ନାଥ ମେଡିକାଲ କଲେଜର ସହକାରୀ ପ୍ରଫେସର ଡା. ଶର୍ମିଷ୍ଠା ରାଉତ, ଡା. ସନ୍ଧ୍ୟାରାଣୀ ସାହୁ, ଭୁବନେଶ୍ୱର ଆମ୍ରି ହସ୍ପିଟାଲର ମାଇକ୍ରୋବାୟୋଲୋଜିଷ୍ଟ ଡା. ବିଭୁଦ ରାଉତରାୟ ୩ଟି ବୈଷୟିକ ସୂତ୍ର ମାଧ୍ୟମରେ ଆଧୁନିକ ଲାବୋରେଟୋରି ପରୀକ୍ଷଣ ବିଷୟରେ ବୁଝାଇବା ସହ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସନ୍ଦର୍ଭ ଚିତ୍ର ଉପସ୍ଥାପନ କରାଯାଇଥିଲା। ସର୍ବଶ୍ରେଷ୍ଠ ଚିତ୍ର ଓ ଉପସ୍ଥାପନାକୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ କିରଣକାନ୍ତ ପଟ୍ଟନାୟକ, ଭବାନୀ ସାମନ୍ତରାୟ, ଅଧ୍ୟାପିକା ଭାଗ୍ୟଶ୍ରୀ ମିଶ୍ର, ପୂଜ୍ୟସ୍ମିତା ସାହୁ ଏବଂ ପ୍ରତୀକ୍ଷା ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ଗୋମାଂସ ବୋଝେଇ ଭ୍ୟାନ୍ ଜବତ

**ଚାଳକ ଗିରଫ**

ନିମାପଡ଼ା,୧୨।୮ (ବିଚିତ୍ରାନନ୍ଦ ସାହୁ)

ଚାରିଛକ ଥାନା ଅଞ୍ଚଳରୁ ନିଆଳି ଥାନା ଅଞ୍ଚଳକୁ ଗୋମାଂସ ଚାଲାଣ ହେଉଥିବା ଏକ ପିକ୍‌ଅପ୍ ଭ୍ୟାନ୍‌କୁ ଶୁକ୍ରବାର ପୋଲିସ ଜବତ କରିଛି। ପରେ ଭ୍ୟାନ୍ ଚାଳକଙ୍କୁ ଗିରଫ କରାଯାଇ ଶନିବାର କୋର୍ଟ ଚାଲାଣ କରିଛି। ଚାଳକ ଜଣଙ୍କ ହେଲେ ନିଆଳି ଥାନା ଅଞ୍ଚଳର ସୟାଦ୍ ରୋଶନ। ଏନେଇ ପୋଲିସ ୪୨୯, ୩୪, ୭ ଓପିସିଏସ୍ ଦଫାରେ ୭୯/୨୩ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଭ୍ୟାନ୍‌ରେ ଚାଲାଣ ହେଉଥିବା ଗୋମାଂସ ୧୦ କୁଇଣ୍ଟାଲ ହେବ ବୋଲି ଜଣାପଡ଼ିଛି।

ସୂଚନା ମୁତାବକ, ଚାରିଛକ ଅଞ୍ଚଳର ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ କର୍ମୀ ଗୋମାଂସ ଚାଲାଣ ବାବଦରେ ସୂଚନା ପାଇ ଚାରିଛକ ଥାନାକୁ ଖବର ଦେଇଥିଲେ। ଥାନା ଅଧିକାରୀ ମମତା ବିଶ୍ୱାଳ, ଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟି ପ୍ରମୁଖ ତୁଳସୀପୁର ପଞ୍ଚାୟତର କୁସୁମାଠେଙ୍ଗ ଗ୍ରାମ ନିକଟରେ ଚଢ଼ାଉ କରି ଗୋମାଂସ ବୋଝେଇ ଭ୍ୟାନ୍‌କୁ ଜବତ କରିଥିଲେ। ଏନେଇ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କର୍ମୀ ଗୁଲୁ ମଲ୍ଲିକ, ଲିଟୁନା ସ୍ୱାଇଁ, ରଞ୍ଜନ ପ୍ରଧାନ, ସୁବ୍ରତ ନାୟକ ପ୍ରମୁଖ ଥାନାରେ ଅଭିଯୋଗ କରିଥିଲେ। ଚାରିଛକ, ତୁଳସୀପୁର, କୁସୁମାଠେଙ୍ଗ ଅଞ୍ଚଳରୁ ଗୋମାଂସ ଚାଲାଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବିଭିନ୍ନ ମହଲରୁ ପୋଲିସ ନିକଟରେ ଦାବି ହୋଇଛି।

# ସଂକ୍ଷେପରେ

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

ଗୋପ,୧୨।୮ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅନ୍ତର୍ଗତ ବଡତରା ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶନିବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପ୍ରଶାନ୍ତ କୁମାର ପ୍ରଧାନ (୨୮)। ଏ ନେଇ ପ୍ରଶାନ୍ତଙ୍କ ପରିବାର ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି। ପ୍ରକାଶ ଯେ, ପ୍ରଶାନ୍ତ ସକାଳୁ ଘରେ ପିଇବା ପାଣି ପାଇଁ ନଳକୂପରେ ବିଦ୍ୟୁତ୍ ମୋଟର ଲଗାଉଥିଲେ। ଘର ମଧ୍ୟରୁ ଆସିଥିବା ବିଦ୍ୟୁତ୍ ତାରରେ ପ୍ରଶାନ୍ତଙ୍କ ଅସାବଧାନତା ଯୋଗୁ କରେଣ୍ଟ ଲାଗିଯାଇଥିଲା। ଖବରପାଇ ଗାଁର କେତେକଜଣ ଯୁବକ ଆସି ପ୍ରଶାନ୍ତଙ୍କୁ ଗୋପ ଡାକ୍ତରଖାନାକୁ ନେଇଥିଲେ। ହେଲେ କାର୍ଯ୍ୟରେ ଥିବା ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ଯୁବକଙ୍କୁ ମୃତ ଘୋଷଣା କରିଥିଲେ। ପ୍ରଶାନ୍ତ ଅତ୍ୟନ୍ତ ଗରିବ ଘରର ହୋଇ ଥିବାବଳେ ମା'ବାପାଙ୍କ ଏକମାତ୍ର ପୁଅ ଥିଲେ। ତାଙ୍କର ଗୋଟିଏ ଦେଢ଼ ବର୍ଷର କନ୍ୟା ସନ୍ତାନ ରହିଛି।

## ତ୍ରିରଙ୍ଗା ଯାତ୍ରାରେ ସାମିଲ ହେଲେ କେନ୍ଦ୍ର ମନ୍ତ୍ରୀ

ବ୍ରହ୍ମଗିରି,୧୨।୮ (ସ୍ୱାଧୀନ ଚମ୍ପତିରାୟ):

ବ୍ରହ୍ମଗିରି ଭାରତୀୟ ଜନତା ପାର୍ଟି ତରଫରୁ ଶନିବାର ରେବେଣା ବଜାରରୁ ସାତପଡ଼ା ପର୍ଯ୍ୟନ୍ତ ତ୍ରିରଙ୍ଗା ଯାତ୍ରା ଆୟୋଜିତ ହୋଇଯାଇଛି। ଦେଶର ପ୍ରତ୍ୟେକ ଘରେ ତ୍ରିରଙ୍ଗା ପହଞ୍ଚାଇବା ଅଭିଯାନ ଅନ୍ତର୍ଗତ ଏହି ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଯାତ୍ରାରେ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ, ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ବ୍ରହ୍ମଗିରିର ଯୁବନେତ୍ରୀ ଉପାସନା ମହାପାତ୍ର ଯୋଗଦେଇଥିଲେ। ୫ହଜାରରୁ ଅଧିକ ଜନତା ଏହି ଯାତ୍ରାରେ ସାମିଲ ହୋଇଥିଲେ। କେନ୍ଦ୍ର ମନ୍ତ୍ରୀ ଯାଦବ ସାଧାରଣ ଲୋକଙ୍କ ସହିତ ମିଶି ଭାବ ବିନିମୟ କରିଥିଲେ। ଯାତ୍ରା ସମୟରେ ସ୍ୱାଧୀନତା ସଂଗ୍ରାମୀ ପାଇକ ବୀର ବକ୍ସି ଜଗବନ୍ଧୁ ଓ ବ୍ରହ୍ମଗିରିର ଜନନେତା ଲୁଲୁ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ କେନ୍ଦ୍ରମନ୍ତ୍ରୀ ଓ ଭାଜପା ନେତା ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଦେଶ ତଥା ପୁରୀର ପ୍ରତ୍ୟେକ ଘରେ ତ୍ରିରଙ୍ଗା ପତାକା ପହଞ୍ଚାଇବା ଏହି ଯାତ୍ରାର ଲକ୍ଷ୍ୟ ବୋଲି ପାତ୍ର କହିଥିଲେ। ସେହିପରି ପ୍ରତ୍ୟେକ ବ୍ୟକ୍ତିଙ୍କ ମଧ୍ୟରେ ରାଷ୍ଟ୍ରୀୟ ଭାବନା ଜାଗ୍ରତ କରିବା ପାଇଁ ଏହି ଯାତ୍ରା ଆୟୋଜନ କରାଯାଉଛି ବୋଲି କେନ୍ଦ୍ର ମନ୍ତ୍ରୀ ଯାଦବ ସୂଚନା ଦେଇଥିଲେ।

## ଭକ୍ତଙ୍କଠାରୁ ମୋବାଇଲ ଲୁଟ୍: ମହିଳା ଗିରଫ

-୫ ସ୍ମାର୍ଟ ଫୋନ୍ ଜବତ

ପୁରୀ, ୧୨।୮ (ଅଜିତ୍ ମହାନ୍ତି):

ଭକ୍ତଙ୍କଠାରୁ ମୋବାଇଲ ଫୋନ୍ ଲୁଟ୍ କରିବା ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଜଣେ ମହିଳାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ପୁରୁଲିଆ ଥାନା ଅନ୍ତର୍ଗତ ବଳରାମପୁର ଗ୍ରାମର ମାଳା ସିଂ(୩୬)। ତାଙ୍କଠାରୁ ୫ଟି ସ୍ମାର୍ଟଫୋନ୍ ଜବତ ହୋଇଛି। ଏନେଇ ସିଂହଦ୍ୱାର ଥାନା ପୋଲିସ ଏକ କେସ୍ (ନଂ.୧୧୨/୨୩) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଚନ୍ଦନପୁର ଥାନା ଅଞ୍ଚଳର ମନୋରଞ୍ଜନ ମାଣିଆ(୨୭) ଶୁକ୍ରବାର ଶ୍ରୀମନ୍ଦିର ଯାଇଥିଲେ। ମହାପ୍ରଭୁ ଦର୍ଶନ ସାରି ଦୋଳବେଦିକୋଣ ନିକଟରେ ଛିଡ଼ା ହୋଇଥିଲେ। ଏହି ସମୟରେ ଗହଳିର ସୁଯୋଗ ନେଇ ମାଳା ମନୋରଞ୍ଜନଙ୍କ ମୋବାଇଲ ଫୋନ୍ ଝାମ୍ପିନେଇ ଦୌଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ମନୋରଞ୍ଜନ ମାଳାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ତଦନ୍ତ କରି ମାଳାଙ୍କ ନିକଟରୁ ୫ଟି ମୋବାଇଲ ଫୋନ୍ ଜବତ କରିଥିଲା।



ପାର୍ଲାମେଣ୍ଟାରି ଷ୍ଟାଣ୍ଡିଂ କମିଟିର ସଦସ୍ୟମାନେ ଶନିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ଟାଟା ଏସିଇ ଧକ୍କାରେ ବାଇକ୍ ଆରୋହୀ ମୃତ

କୋଣାର୍କ,୧୧।୮ (ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନ କୋଣାର୍କ-କାକଟପୁର ମୁଖ୍ୟରାସ୍ତା ବାଲିଦୋକାନ ନିକଟରେ ଶନିବାର ଅପରାହ୍ଣରେ ଏକ ଟାଟା ଏସିଇ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ବାଲିଦୋକାନ ନିକଟସ୍ଥ ଯଦୁପୁର ଗ୍ରାମର ରଞ୍ଜନ ମୁଦୁଲି(୩୫)। ଅପରପକ୍ଷେ ଦୁର୍ଘଟଣା ଘଟାଇ ଉକ୍ତ ଟଟାଏସିଇ ଘଟଣାସ୍ଥଳରୁ ଦ୍ରୁତଗତିରେ କାକଟପୁର ଅଭିମୁଖେ ଫେରାର ହୋଇଯାଉଥିଲାବେଳେ କୋଣାର୍କ ପୋଲିସ ପକ୍ଷରୁ ଖବରପାଇ କାକଟପୁର ପୋଲିସ ଗାଡି ଜବତ କରିବା ସହ ସହ ଚାଳକଙ୍କୁ ଥାନାରେ ଅଟକ ରଖିଥିବା ସୂଚନା ମିଳିଛି। ପରେ କୋଣାର୍କ ପୋଲିସ ଗାଡି ଦୁଇଟିକୁ ଜବତ କରି ଏକ ମାମଲା(ନଂ.୧୭୭/୨୩) ଏକ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଯାଇଛି। ଖବର ଅନୁଯାୟୀ, କୋଣାର୍କ ନିକଟସ୍ଥ ବାଲିଦୋକାନ ବଜାର ନିକଟ କଳଘର ସମ୍ମୁଖରେ କାକଟପୁର ଆଡୁ ରଞ୍ଜନ ମୁଦୁଲି ନିଜ ବାଇକ୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ ଅପରପଟୁ ଯାଉଥିବା ଏକ ଟାଟା ଏସିଇ ଗାଡ଼ି ନମ୍ବର-ଓଡି-୧୩ଏଲ୍-୨୯୬୩ ବିଶିଷ୍ଟ ଗାଡିଟି ଦ୍ରୁତଗତିରେ ଯାଇ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ରଞ୍ଜନ ବାଇକ୍‌ରୁ ଛିଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ବାଙ୍ଗୁରିଗାଁ ଡାକ୍ତରଖାନାକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

# ତଦନ୍ତରେ ଉତ୍କର୍ଷ: ସମ୍ମାନିତ ହେବେ ପୁରୀ ସିଟି ଡିଏସ୍‌ପି

ପୁରୀ, ୧୨।୮ (ଅଜିତ୍ ମହାନ୍ତି):

ତଦନ୍ତରେ ଉତ୍କର୍ଷତା ପାଇଁ ପ୍ରତ୍ୟେକ ବର୍ଷ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଅବସରରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତରଫରୁ ଦକ୍ଷ ପୋଲିସ ଅଫିସରମାନଙ୍କୁ ସମ୍ମାନିତ କରାଯାଇ ଥାଏ। ୨୦୨୨ ମସିହା ନିମନ୍ତେ ଓଡ଼ିଶାର ୪ଜଣ ଦକ୍ଷ ପୋଲିସ ଅଫିସରଙ୍କୁ ସମ୍ମାନିତ କରାଯିବା ନେଇ ନାମ ତାଲିକା ପ୍ରକାଶ ପାଇଛି। ସମ୍ପୃକ୍ତ ୪ ଅଫିସରଙ୍କ ମଧ୍ୟରେ ପୁରୀ ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁଙ୍କ ନାମ ରହିଛି। ସିଟି ଡିଏସ୍‌ପି ସାହୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ସମ୍ମାନିତ ହେବାକୁ ମନୋନୀତ ହେବା ପରେ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ସେ ୨୦୨୨ରେ ଗଞ୍ଜାମ ଜିଲା ଆସ୍କା ଥାନାରେ ଇନ୍‌ସପେକ୍ଟର ଥିବା ବେଳେ ତାଙ୍କର ଉତ୍ତମ କାର୍ଯ୍ୟଦକ୍ଷତା ପାଇଁ ସମ୍ମାନିତ କରାଯିବ। ଡିଏସ୍‌ପି ସାହୁ ୨୦୦୫ରେ ଓଡ଼ିଶା ପୋଲିସରେ ଯୋଗଦେଇଥିଲେ। ତାଙ୍କ କାର୍ଯ୍ୟକାଳରେ ଆସ୍କା ଥାନା ଦେଶରେ ଏକ ନମ୍ବର ଥାନା ଭାବେ ପୁରସ୍କୃତ ହୋଇଥିଲା। ତଦନ୍ତରେ ଉତ୍କର୍ଷତା ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ସମ୍ମାନିତ ହେବାକୁ ମନୋନୀତ ହେବା ନେଇ ସାହୁ ଖୁସି ଓ ଉତ୍ସାହିତ ଅଛନ୍ତି। ତେବେ ଏହା ଏକ ପ୍ରକ୍ରିୟା। ପୋଲିସ ବିଭାଗରେ ରହି ଲୋକଙ୍କ ପାଇଁ କାର୍ଯ୍ୟ ଗ୍ରାଉଣ୍ଡ ଲେଭ୍‌ଲ୍‌ରୁ କରିହୋଇଥାଏ ବୋଲି ସାହୁ କହିଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନକଲେ କେନ୍ଦ୍ର ଜଙ୍ଗଲ ମନ୍ତ୍ରୀ



କେନ୍ଦ୍ର ମନ୍ତ୍ରୀ ଭୂପେନ୍ଦ୍ର ଯାଦବ **ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି ।**

ପୁରୀ, ୧୨।୮ (ଅଜିତ୍ ମହାନ୍ତି):

କେନ୍ଦ୍ର ଶ୍ରମ ଓ ନିଯୁକ୍ତି, ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଶନିବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଯାଦବ ଶନିବାର ଅପରାହ୍ଣରେ ଭୁବନେଶ୍ୱରରୁ ଗାଡ଼ି ଯୋଗେ ସୁରକ୍ଷା ବଳୟରେ ପୁରୀ ଅଭିମୁଖେ ଆସିଥିଲେ। ସେ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯାଇ ଭିତରକାଠ ନିକଟରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ପରେ ଭିତରବେଢାରେ ଥିବା ପାର୍ଶ୍ୱଦେବଦେବୀଙ୍କ ଦର୍ଶନ ସାରି କିଛି ସମୟ ଶ୍ରମନ୍ଦିର ପରିସରରେ ଅତିବାହିତ କରି ସିଂହଦ୍ୱାର ଦେଇ ପ୍ରସ୍ଥାନ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ପତିତପାନବ ବାନା, ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ଆଦି ପ୍ରଦାନ କରାଯାଇଥିଲା। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଯାଦବ କହିଥିଲେ, ମହାପ୍ରଭୁଙ୍କ ଆଶୀର୍ବାଦ ନେବାକୁ ଆସିଥିଲି। ଦର୍ଶନ କରି ବେଶ୍ ଖୁସି ଲାଗୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ଚାଲିଥିବା ଅମୃତ କାଳରେ ଭାରତ ଆହୁରି ଆଗକୁ ଯାଉ ବୋଲି କାମନା କରିଛି ବୋଲି ଯାଦବ ପ୍ରକାଶ କରିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ଦର୍ଶନ ସମୟରେ ତାଙ୍କ ସହିତ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଉପସ୍ଥିତ ଥିଲେ।

# 'ସୁଶାସନ ପ୍ରଦାନ ଦିଗରେ ପ୍ରଶିକ୍ଷଣ ଏକ ମାଇଲଖୁଣ୍ଟ'

**ଜିଲା ପଞ୍ଚାୟତିରାଜ ପ୍ରଶିକ୍ଷଣ ଶିବିର**

କୋଣାର୍କ,୧୨।୮ (ଜ୍ୟୋତିରାଜ ମହାନ୍ତି)

ଭାଜପାର ଜିଲା ପଞ୍ଚାୟତିରାଜ ୨ ଦିନିଆ ପ୍ରଶିକ୍ଷଣ ଶିବିର କୋଣାର୍କ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଅଶ୍ୱିନୀ ଚୌବେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସାରା ଭାରତରେ ଜିଲା ପରିଷଦ ଅଧ୍ୟକ୍ଷ ଓ ପଞ୍ଚାୟତର ପ୍ରତିନିଧିମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଆୟୋଜିତ ହେଉଛି। ଏହି ପ୍ରଶିକ୍ଷଣ ଲୋକାଭିମୁଖୀ ଓ ସୁଶାସନ ପ୍ରଦାନ ଦିଗରେ ଏକ ମାଇଲଖୁଣ୍ଟ ବୋଲି ମନ୍ତ୍ରୀ ଚୌବେ କହିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ରାଜ୍ୟ ସଭାପତି ମନମୋହନ ସାମଲ, ସଂଗଠକ ସମ୍ପାଦକ ମାନସ ମହାନ୍ତି, ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ତଥା ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ଭାଜପା ପଞ୍ଚାୟତିରାଜ ପରିଷଦ ଆବାହକ ଶଙ୍କର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ଜିଲା ପରିଷଦ ସଭ୍ୟ ସଭ୍ୟା, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଭାଗ ନେଇଥିଲେ। ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ଦଳ ସଫଳତା ନେଇ ରଣକୌଶଳ ପ୍ରସ୍ତୁତି, ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ଉନ୍ନୟନ କାର୍ଯ୍ୟ ବାବଦରେ ଆସୁଥିବା ଅର୍ଥରାଶି ଗ୍ରାମ ସଭା ଓ ପଲ୍ଲୀ ସଭା ମାଧ୍ୟମରେ କରି ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ନିମନ୍ତେ ସରକାରୀ ନିୟମ ଥିବାବେଳେ ତାହା ରାଜ୍ୟ ସରକାରଙ୍କ ଦ୍ୱାରା କରା ନ ଯିବା ଦୁର୍ନୀତିକୁ କିଭଳି ଭାବେ ପ୍ରଶୟ ଦେଉଛି ପଞ୍ଚାୟତିରାଜ ପ୍ରତିନିଧିମାନଙ୍କୁ ଅବଗତ କରାଇବା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ଶିବିରରେ ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ଯତୀନ ମହାନ୍ତି, ଶଙ୍କର ପରିଡା, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ ଓ ବରିଷ୍ଠ ଭାଜପା ନେତା ପୂର୍ଣ୍ଣଚନ୍ଦ୍ର ଓଝା ପ୍ରମୁଖ ଉପସ୍ଥିତ ଥିଲେ।

# ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

ନିମାପଡ଼ା,୧୨।୮ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅଧୀନ ଖେଲାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଏକ ଜ୍ଞାନ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ନିମାପଡ଼ା ସ୍ୱାଧୀନ କଲେଜ ପରିଚାଳନା ନିର୍ଦ୍ଦେଶକ ସ୍ୱାଧୀନ ସାହୁ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବିଜ୍ଞାନ ଶିକ୍ଷକ ରବୀନ୍ଦ୍ରନାଥ ସ୍ୱାଇଁ, ବରିଷ୍ଠ ଶିକ୍ଷକ ଈଶ୍ୱର ଚନ୍ଦ୍ର ନାୟକ, ବିଦ୍ୟାମନ୍ଦିର ସଭାପତି ବିଜୟ ସେନାପତି, ସମ୍ପାଦକ ନିରୋଦ ଚନ୍ଦ୍ର ନାୟକ, ପ୍ରଧାନ ଆଚାର୍ଯ୍ୟ ଦେବକୁମାର ମିଶ୍ର ପ୍ରମୁଖ ଯୋଗଦେଇ ବିଜ୍ଞାନର ଉପାଦେୟତା, ବିଜ୍ଞାନ ଶିକ୍ଷାର ଆବଶ୍ୟକତା, ଶିଶୁଙ୍କର ବିଜ୍ଞାନଚେତନା, ବୌଦ୍ଧିକ ବିକାଶ ଦିଗରେ ଗୁରୁତ୍ୱାରୋପ କରିଥିଲେ। ମେଳାରେ ୧୪୦ ଶିଶୁ ବିଜ୍ଞାନୀଙ୍କ ୧୪୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଶିଶୁ ବିଜ୍ଞାନୀମାନେ ପତ୍ରବାଚନ, ବିଜ୍ଞାନ, ପ୍ରୟୋଗ, ବୌଦ୍ଧିକ ଗଣିତ, ସଂସ୍କୃତ ଜ୍ଞାନ, ଲୋକନୃତ୍ୟ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମେଳାରେ ନିମାପଡ଼ା, ପିପିଲି, ଡେଲାଙ୍ଗ, କଣାସ, ସତ୍ୟବାଦୀ ଆଦି ବ୍ଲକର ୪୨୦ ଜଣ ଶିଶୁ ବିଜ୍ଞାନୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଏକ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀ ଓ ଶ୍ରେଷ୍ଠ ବିବେଚିତ ବିଜ୍ଞାନ ପ୍ରକଳ୍ପଗୁଡ଼ିକୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ମେଳାରେ ସରସ୍ୱତୀ ଶିଶୁମନ୍ଦିରର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଅନ୍ୟାନ୍ୟ ବିଦ୍ୟାଳୟର ବହୁ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।



ଅତିଥିମାନେ ବିଜ୍ଞାନ ମେଳାରେ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

# ଶିଶୁ ସମାଚାର ସ୍ୱନକ୍ଷତ୍ର ସମାରୋହ, ଜାତୀୟ ଶିଶୁ ଉତ୍ସବ

ପୁରୀ, ୧୨।୮ (ଅଜିତ ମହାନ୍ତି)




ଉତ୍ସବରେ ଅନୁଷ୍ଠାନର ମୁଖପତ୍ର 'ମୁଖଶାଳା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

**ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେଲେ ୨୬୭**

- 'ଶିଶୁ ସମାଚାର'ର ସ୍ୱନକ୍ଷତ୍ର ସଂଖ୍ୟା, ମୁଖଶାଳା ଉନ୍ମୋଚିତ
- ସୁନାମଣି ରାଉତଙ୍କୁ ଶିଶୁ ସମାଚାର ସାରସ୍ୱତ ସମ୍ମାନ, ସିଦ୍ଧିସ୍ମା ବିନ୍ଧାଣୀଙ୍କୁ ଶିଶୁ ପ୍ରତିଭା ସମ୍ମାନ, ଆୟୁଷ ପଟ୍ଟନାୟକଙ୍କୁ ବିବିଧ ପ୍ରତିଭା ସମ୍ମାନ

ପିଲାଙ୍କ ମାସିକ ଖବରକାଗଜ ଶିଶୁ ସମ୍ବାଦପତ୍ର 'ଶିଶୁ ସମାଚାର'ର ଷୋଡ଼ଶ ସ୍ୱନକ୍ଷତ୍ର ସମାରୋହ ଓ ଜାତୀୟ ଶିଶୁ ଉତ୍ସବ ଶନିବାର ପୁରୀ ପୌର ସଦନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମାରୋହର ପ୍ରଥମ ପର୍ବରେ ଉପଦେଷ୍ଟା କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଆଞ୍ଚଳିକ ପରିବହନ ଅଧିକାରୀ ରବିନ୍ ପଟ୍ଟନାୟକ, ଉତ୍ସବ କମିଟି ଅଧ୍ୟକ୍ଷ ମନୋଜ ରଥ, ଉପଦେଷ୍ଟା ରଘୁନାଥ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଶିଶୁ କଣ୍ଠଶିଳ୍ପୀ ସିଦ୍ଧିସ୍ମା ବିନ୍ଧାଣୀ ବିଶେଷ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ସମ୍ପାଦକ ସୁକାନ୍ତ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା 'ଶିଶୁ ସମାଚାର'ର ସ୍ୱନକ୍ଷତ୍ର ସଂଖ୍ୟା ଓ ମୁଖଶାଳା ଉନ୍ମୋଚିତ ହୋଇଥିଲା। ସଙ୍ଗୀତ ବିଭାଗରେ ଭାଗନେଇଥିବା ଶିଶୁ କଣ୍ଠଶିଳ୍ପୀମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ସହିତ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଦ୍ୱିତୀୟ ପର୍ବରେ ଶିଶୁ ସମାଚାରର ୧୬ଶ ସ୍ୱନକ୍ଷତ୍ର ସମାରୋହ ଓ ଜାତୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଅତୁଲ କୁମାର ନନ୍ଦ ମୁଖ୍ୟ ଅତିଥି, ଶିଳ୍ପୋଦ୍ୟୋଗୀ ଗିରୀଶ ଚନ୍ଦ୍ର ନାୟକ, ଶିଶୁ ସାହିତ୍ୟିକ ଡ. ସୁନାମଣି ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଉତ୍ସବ କମିଟି ଉପାଧ୍ୟକ୍ଷ ସିଦ୍ଧାର୍ଥ ରାୟ ଏବଂ ଶିଶୁ କଳାକାର ଆୟୁଷ ପଟ୍ଟନାୟକ ଓ ଧ୍ରୁବ ଚରଣ କର ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ସୁକାନ୍ତ ପଣ୍ଡା ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଏହି ପର୍ବରେ ଉପଦେଷ୍ଟା ଚକ୍ରଧର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ଶିଶୁ ସାହିତ୍ୟିକ ଡ. ସୁନାମଣି ରାଉତଙ୍କୁ ଶିଶୁ ସମାଚାର ସାରସ୍ୱତ ସମ୍ମାନ, ଶିଶୁ କଣ୍ଠଶିଳ୍ପୀ ସିଦ୍ଧିସ୍ମା ବିନ୍ଧାଣୀଙ୍କୁ ଶିଶୁ ପ୍ରତିଭା ସମ୍ମାନ ଏବଂ ଶିଶୁ କଳାକାର ଆୟୁଷ ପଟ୍ଟନାୟକଙ୍କୁ ବିବିଧ ପ୍ରତିଭାରେ ସମ୍ମାନିତ କରାଯିବା ସହ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକ, ସଙ୍ଗୀତ ଗୁରୁ, ନୃତ୍ୟ ଗୁରୁ, ସାମାଜିକ କର୍ମୀ ଏବଂ ଶିଶୁ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଉତ୍ସବରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୨୬୭ ଜଣ ଶିଶୁ ପ୍ରତିଭା ନୃତ୍ୟ, ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ଉତ୍ସବ କମିଟି ଓ ଶିଶୁ ସମାଚାର ପରିଚାଳନା ମଣ୍ଡଳୀର ସମସ୍ତ ସଦସ୍ୟ ସଦସ୍ୟା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶିବସୁନ୍ଦର ମିଶ୍ର, ଶରତ ରାୟଗୁରୁ, ସର୍ବାଣୀ ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶେଷରେ ଅବନିଶ ରଥ ଧନ୍ୟବାଦ ଦେଇଥିଲେ। ସ୍ୱାଧୀନ ପଣ୍ଡା, ବିଜୟ କୁମାର ପଣ୍ଡା, ସତ୍ୟନାରାୟଣ ସାହୁ, ଅନ୍ନପୂର୍ଣ୍ଣା ଦେବୀ, ଦେବରାଜ ଦାସ, ବର୍ଷା ବନାନୀ ପଟ୍ଟନାୟକ, ଓମ୍ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବାରଦା ଖେଳପଡ଼ିଆ ନିକଟରୁ ଆହତ ଯୁବତୀ ଉଦ୍ଧାର

କଟକ ସଦର,(ସୁଶାନ୍ତ କୁମାର ଜେନା): କିଶନନଗର ଥାନା ଅନ୍ତର୍ଗତ ମହାନଦୀ ବନ୍ଧର ବାରଦା ଖେଳପଡ଼ିଆ ନିକଟରେ ଆହତ ଅବସ୍ଥାରେ ପଡ଼ିଥିବା ଜଣେ ଯୁବତୀଙ୍କୁ ପୋଲିସ ଉଦ୍ଧାର କରିଛି। ତାଙ୍କ ମୁଣ୍ଡରେ ଆଘାତ ଲାଗି ରକ୍ତସ୍ରାବ ହେଉଥିବାରୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନା ପଠାଯାଇଥିଲା। ପରେ ଯୁବତୀ ଜଣଙ୍କ କୌଣସି ଅଭିଯୋଗ ଦେବା ପାଇଁ ମନା କରିବାରୁ ପୋଲିସ ତାଙ୍କୁ ଛାଡି ଦେଇଥିଲା। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଯୁବତୀ ଜଣଙ୍କ ଘରୋଇ ସିକ୍ୟୁରିଟି ଗାର୍ଡ ଭାବେ କଟକ ସିଡିଏ ଅଞ୍ଚଳରେ କାମ କରୁଥିଲେ। ଘର ମାଲିକଙ୍କ ସହ ମତାନ୍ତର ହେବାରୁ ଶୁକ୍ରବାର ରାତିରେ ଏକ ସ୍କୁଟିରେ ସମ୍ପୃକ୍ତ ବ୍ୟକ୍ତି ଧମକ ଚମକ ଦେଇ ଆଣିଥିଲେ। ତା'ପରେ ଖେଳପଡିଆ ନିକଟରେ ଫିଙ୍ଗି ଦେଇ ଚାଲି ଯାଇଥିବା ଯୁବତୀ ଜଣଙ୍କ କହିଥିଲେ।



## ଆଜି କ'ଣ କେଉଁଠି

କଟକ

- କଟକ କ୍ଲବ ଓ ନାରାୟଣ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର, କଟକ କ୍ଲବ, ସକାଳ ୮ଟା।

## ସୁନା ଅଳଙ୍କାର ଚୋରି, ୪ ଗିରଫ

କଟକ ସଦର,୧୨।୮
(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ କଣ୍ଟୁଣିଆ ଗ୍ରାମର ସୁରଜ କୁମାର ସାହୁଙ୍କ ଘରୁ ଚୋରି କରିବା ଅଭିଯୋଗରେ ପୋଲିସ ଶନିବାର ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଯାଜପୁର ଅଞ୍ଚଳର ପ୍ରିୟା ବେହେରା(୨୭), ୪୨ ମୌଜା ଥାନା ଅନ୍ତର୍ଗତ ବେଣ୍ଟକାର ଗ୍ରାମର ସୁକାନ୍ତ ମଲ୍ଲିକ(୪୦), ଚୋରି ଅଳଙ୍କାର କିଣିଥିବା ଟାଇଁକେଣା ଗ୍ରାମର ଫକୀର ବିହାରୀ(୩୭) ଓ ଶୁଭବ୍ରତ ପରିଡ଼ା(୨୬)। ପୋଲିସ ସୂତ୍ରରୁ ପ୍ରକାଶ, ପ୍ରିୟା ନାମ୍ନୀ ମହିଳା ସୁରଜଙ୍କ ଘରେ ଭଡ଼ାରେ ରହୁଥିଲେ। କିଛିଦିନ ତଳେ ସ୍ତ୍ରୀଙ୍କ ଚିକିତ୍ସା ପାଇଁ ପରିବାର ସହ ସୁରଜ କଟକ ଯାଇଥିଲେ। ଗତ ୮ ତାରିଖରେ ଘରକୁ ଫେରିବା ପରେ ୪ ପଟ ସୁନାଚୁଡ଼ି ଓ ଦାମୀ ଶାଢ଼ି ସହ ଷ୍ଟିଲ ବାସନ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୭୩/୨୩) ରୁଜୁ କରିଥିଲା। ଚୋରି ଘଟଣାର ମାଷ୍ଟର ମାଇଣ୍ଡ ସୁକାନ୍ତଙ୍କ ସହ ମିଶି ପ୍ରିୟା ଗତ ଜୁଲାଇ ୨୯ରେ ସୁନାଅଳଙ୍କାର ଚୋରି କରିଥିଲେ। ପରେ ତାହାକୁ ଅଳଙ୍କାର ଦୋକାନ ମାଲିକ ଫକୀର ଓ ସେଲ୍ସମ୍ୟାନ୍ ଶୁଭବ୍ରତଙ୍କୁ ବିକ୍ରି କରିଥିଲେ। ଏହାପରେ ପୋଲିସ ସୁନା ଅଳଙ୍କାର, ୬ ଖଣ୍ଡ ଶାଢ଼ି ଓ କିଛି ଷ୍ଟିଲ ବାସନ ଜବତ କରିଥିଲା।

## ଶୋଭାଯାତ୍ରାରେ ପରିବେଶ ସୁରକ୍ଷା ବାର୍ତ୍ତା

ଚୌଦ୍ୱାର,୧୨।୮(ଆଶୁତୋଷ ଦାସ)

ଚୌଦ୍ୱାର ବିରୂପା ବ୍ୟାରେଜ୍ ରୋଡ୍‌ସ୍ଥିତ ସେଣ୍ଟ ଜାଭିୟର ସ୍କୁଲ ପରିସରରେ ୭ ଦିନ ବ୍ୟାପୀ ଅନୁଷ୍ଠିତ ପରବେଶ ସୁରକ୍ଷା ସପ୍ତାହ ପାଳନ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଛାତ୍ରୀଛାତ୍ରମାନେ ସ୍ଥାନୀୟ ମଣ୍ଡଳ କାରଗାରରେ ଚାରାରୋପଣ କରିବା ସହ ସାଇକେଲ ଶୋଭାଯାତ୍ରାରେ ସହର ପରିକ୍ରମା କରି ଲୋକମାନଙ୍କୁ ପରିବେଶ ସୁରକ୍ଷା ଦିଗରେ ସଚେତନ କରିଥିଲେ। ସ୍ଥାନୀୟ ଗାନ୍ଧୀଛକସ୍ଥିତ ପୌର ଟାଉନହଲ ପରିସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍କୁଲ ଅଧ୍ୟକ୍ଷ ଶକ୍ତି ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନ୍‌ଡିଆର୍‌ଏଫ୍‌ର କର୍ମକର୍ତ୍ତା ଧନଞ୍ଜୟ ମିଶ୍ର, ଶ୍ରୀକାନ୍ତ ଦାସ, ଉଦ୍ଧାର ଫାଉଣ୍ଡେଶନର ମୁଖ୍ୟ ନରୋତ୍ତମ ଦାସ ପ୍ରମୁଖ ଯୋଗଦେଇଥିଲେ। ପରିବେଶ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରଜ୍ଞାପରିମିତା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ସ୍କୁଲ ଫାଟକରେ ତାଲା ପକାଇଲେ ଅଭିଭାବକ

କଟକ ସଦର,୧୨।୮
(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ ଦେଉଳିସ୍ଥିତ ବାଲୁଙ୍କେଶ୍ୱର ନୋଡାଲ ହାଇସ୍କୁଲରେ ଶନିବାର ସକାଳେ ଅଭିଭାବକ-ଶିକ୍ଷକ ସଭା ଅନୁଷ୍ଠିତ ହେଉଥିବାବେଳେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଅଭିଭାବକ ରୀତାଞ୍ଜଳି ମୁଦୁଲି ଓ ଅନ୍ୟ ମହିଳାମାନେ ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ଦାସଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିବାରୁ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଶେଷରେ ଅଭିଭାବକମାନେ ସ୍କୁଲ ଫାଟକରେ ତାଲା ପକାଇ ଦେଇଥିଲେ। ପିଲାଙ୍କୁ ପାଠ ନ ପଢାଇ ମାଡ଼ ମାରିବା, ଗଛ ଲଗାଇବା ଆଳରେ ଖେଳପଡିଆରେ ଖଟାଇବା, ନବମ ଓ ଦଶମ ଶ୍ରେଣୀରେ ଗଣିତ, ବିଜ୍ଞାନ ପଢ଼ା ଯାଉ ନ ଥିବା ଅଭିଯୋଗ କରି ଅଭିଭାବକମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଘେରିଥିଲେ। ଖବରପାଇ ୪୨ ମୌଜା ଥାନା ଅଧିକାରୀ ଗିରିଶ ଚନ୍ଦ୍ର ମହାରଣା ଘଟଣାସ୍ଥଳରେ ପହଞ୍ଚି ଅଭିଭାବକମାନଙ୍କୁ ବୁଝାଇଥିଲେ। ୨ ଘଣ୍ଟା ପରେ ଫାଟକର



ସ୍କୁଲ ଫାଟକରେ ଅଭିଭାବକମାନେ ତାଲା ପକାଇଛନ୍ତି।

### ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ଯୁକ୍ତିତର୍କ

ତାଲା ଖୋଲାଯିବାରୁ ପିଲାମାନେ ଘରକୁ ଫେରିଥିଲେ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ଦାସ କହିଛନ୍ତି, ସ୍କୁଲରେ ୪ଟି ଶିକ୍ଷକ ପଦବୀ ଖାଲି ପଡିଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ତେଣୁ ଅସ୍ଥାୟୀ ଭାବେ ଜଣେ ଶିକ୍ଷକଙ୍କୁ ପାଠ ପଢାଇବା ପାଇଁ ଦାୟିତ୍ୱ ଦିଆଯାଇଛି। ମାଡ଼ ମାରିବା କଥାକୁ ଅସ୍ୱୀକାର କରିବା ସହ ପରିବେଶ ସୁରକ୍ଷା ପାଇଁ ସ୍କୁଲ ପରିସରରେ ଗଛ ଲଗାଇବା ପାଇଁ ପିଲାଙ୍କୁ କୁହାଯାଇଥାଏ ବୋଲି କହିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଅନୁଦାନ ପାଇବା ପାଇଁ କାଗଜପତ୍ର ଯାଞ୍ଚ

କଟକ ସଦର,୧୨।୮
(ସୁଶାନ୍ତ କୁମାର ଜେନା)

ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଅନୁଦାନ ପାଇବା ପାଇଁ ଜମିବାଡ଼ି କାଗଜପତ୍ରର ଯାଞ୍ଚ କଟକ ସଦର ବ୍ଲକ ଅଞ୍ଚଳରେ ଗୁରୁବାରଠାରୁ ଆରମ୍ଭ ହୋଇଛି। କଟକ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଯନ୍ତ୍ରୀ, ଗ୍ରାମ ରୋଜଗାର ସେବକ ଓ ରାଜସ୍ୱ ନିରୀକ୍ଷକଙ୍କୁ ନେଇ ଗଠିତ ଟିମ୍ ବିଭିନ୍ନ ସ୍ଥାନ ବୁଲି ପ୍ରକଳ୍ପର ଜମିଜମା କାଗଜପତ୍ରକୁ ଖତିୟାନା ସହ ମିଳାଉଥିବା ଲକ୍ଷ୍ୟ କରାଯାଉଛି। ଏବେ ମନ୍ଦିର, ମଠ, ମସ୍‌ଜିଦ୍ ଭଳି ଧାର୍ମିକ ଅନୁଷ୍ଠାନକୁ ସ୍ୱତନ୍ତ୍ର ଅନୁଦାନ ମିଳିବ। ଯାଞ୍ଚବେଳେ କିଛି ଧାର୍ମିକ ଅନୁଷ୍ଠାନର କର୍ମକର୍ତ୍ତାମାନେ ପୁରୁଣା ଜମି କବଲା ଦେଖାଇଥିଲେ। ମାତ୍ର ନିୟମ ଅନୁସାରେ ତହସିଲ କାର୍ଯ୍ୟାଳୟରେ ସେହି ଜମିର ଦାଖଲ ଖାରଜ ହୋଇ ନ ଥିବାରୁ ତାହା ଗ୍ରହଣଯୋଗ୍ୟ ନୁହେଁ ବୋଲି ରାଜସ୍ୱ ନିରୀକ୍ଷକମାନେ କହିବାରୁ ଅନେକ ପଞ୍ଚାୟତରେ ବିବାଦ ଦେଖାଦେଇଛି। କାରଣ ଗତବର୍ଷଗୁଡିକରେ ପଞ୍ଚାୟତ ଓ ବ୍ଲକ ପକ୍ଷରୁ ସେହି ସବୁ ଅନୁଷ୍ଠାନକୁ କବଲା ଦେଖି ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ଏବେ କାହିଁକି ତାହା ଗ୍ରହଣଯୋଗ୍ୟ ହେବ ନାହିଁ ବୋଲି ରାଜସ୍ୱ ନିରୀକ୍ଷକଙ୍କୁ ପ୍ରଶ୍ନ କରାଯାଇଥିଲା। ଏହାଛଡା ଯାଞ୍ଚବେଳେ ବିବାଦୀୟ ସ୍ଥାନରେ ଯନ୍ତ୍ରୀମାନେ ଅନୁପସ୍ଥିତ ରହୁଥିବା ଦେଖିବାକୁ ମିଳିଛି। ଗତବର୍ଷ କବଲା ବଳରେ କିପରି କାମ କରାଯାଇଥିଲା ସେ କଥା ଯନ୍ତ୍ରୀ ଓ ରାଜସ୍ୱ ନିରୀକ୍ଷକଙ୍କ ମଧ୍ୟରେ ମୁକାବିଲା ହୋଇପାରୁନାହିଁ। କଟକ ସଦର ଓ କିଶନନଗର ତହସିଲଦାର ତଦନ୍ତ ରିପୋର୍ଟଗୁଡ଼ିକ ସୋମବାର ଜିଲାପାଳଙ୍କ ନିକଟରେ ଦାଖଲ କରିବେ। ଗତ ୯ ତାରିଖରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ କଟକ ସଦର ନିର୍ବାଚନମଣ୍ଡଳୀର ପରମହଂସ ଗସ୍ତରେ ଆସିଥିବାବେଳେ ୩୭ଟି ପଞ୍ଚାୟତର ଜନସାଧାରଣ ବିଭିନ୍ନ ଧାର୍ମିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅନୁଦାନ ପାଇବାକୁ ଆବେଦନ କରିଥିଲେ। ଏବେ ସେହି ସବୁ ଅନୁଷ୍ଠାନ ଜମିର କାଗଜପତ୍ର ଯାଞ୍ଚ ଚାଲିଛି।



ଡମପଡ଼ା ବ୍ଲକ ଅନ୍ତର୍ଗତ ସୁବୁଦ୍ଧେଶ୍ୱର ବିଦ୍ୟାପୀଠ ପରିସରରେ ଆୟୋଜିତ ବିଜ୍ଞାନ ମେଳା ଛାତ୍ରୀଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

## ସେପ୍ଟେମ୍ବର ୩୦ରୁ ଶୌର୍ଯ୍ୟ ଜାଗରଣ ଯାତ୍ରା

ଫୁଲନଖରା,୧୨।୮
(ସତ୍ୟରଞ୍ଜନ ଦାସମହାପାତ୍ର)

ବିଶ୍ୱ ହିନ୍ଦୁ ପରିଷଦ ଓଡ଼ିଶା ପୂର୍ବପ୍ରାନ୍ତ ପକ୍ଷରୁ ବଜରଙ୍ଗ ଦଳର ଆଗାମୀ କାର୍ଯ୍ୟକ୍ରମ ପାଇଁ ପ୍ରାନ୍ତଃସ୍ତରୀୟ ବୈଠକ ଫୁଲନଖରା ଅନନ୍ତପୁରସ୍ଥିତ ବ୍ରହ୍ମାକୁମାରୀ ବିଶ୍ୱଶାନ୍ତି ସରୋବର ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବଜରଙ୍ଗ ଦଳର ପ୍ରାନ୍ତ ସମ୍ପାଦକ ପଣ୍ଡିତ ମହେଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ପ୍ରାନ୍ତଃ ସଙ୍ଗଠନ ମନ୍ତ୍ରୀ ଶରତ କୁମାର ପ୍ରଧାନ, ଅମୋଲ ମୁଖାର୍ଜୀ, ଉମାଶଙ୍କର ଆଚାର୍ଯ୍ୟ, ଅମ୍ବିକା ଦାସ, ପ୍ରଭାତ ତ୍ରିପାଠୀ, ସଞ୍ଜୟ ସିଂ ପ୍ରମୁଖ ଯୋଗଦେଇଥିଲେ। ବିଶ୍ୱ ହିନ୍ଦୁ ପରିଷଦ ସ୍ଥାପନର ୬୦ ବର୍ଷ, ବଜରଙ୍ଗ ଦଳ ସ୍ଥାପନର ୪୦ ବର୍ଷ ପୂର୍ତ୍ତି ଓ ଅଯୋଧ୍ୟାରେ ରାମମନ୍ଦିର ପ୍ରତିଷ୍ଠାକୁ ଦୃଷ୍ଟିରେ ରଖି ଆସନ୍ତା ସେପ୍ଟେମ୍ବର ୩୦ରୁ ଶୌର୍ଯ୍ୟ ଜାଗରଣ ଯାତ୍ରା ଆରମ୍ଭ ହେବ। ଏହି ଯାତ୍ରାରେ ୫ଟି ରଥ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ବାହାରିବ। ପ୍ରଥମେ ଗୋଟିଏ ରଥ କନ୍ଧମାଳର ଜଲେଶପଟା ଆଶ୍ରମରୁ ବାହାରିବା କାର୍ଯ୍ୟକ୍ରମ ରହିଛି। ସେହିପରି ଅନ୍ୟ ୪ଟି ରଥ ବାହାରି ଅକ୍ଟୋବର ୮ରେ କଟକର ନେତାଜୀ ସୁଭାଷ ବୋଷଙ୍କ ଜନ୍ମସ୍ଥାନରେ ପହଞ୍ଚିବ। ଏହି ଅବସରରେ ଉକ୍ତ ଦିନ ଅପରାହ୍ନରେ ଭୁବନେଶ୍ୱରରେ ବିରାଟ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର ହୋଇଛି। ବଜରଙ୍ଗ ଦଳର କଟକ ଜିଲା ସଭାପତି ମାନସ ରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଦାମବାଡ଼ି ଥାନାକୁ ଆଦର୍ଶ ଥାନାରେ ପରିଣତ କରାଯାଉ



କଟକ,୧୨।୮ (କାର୍ତ୍ତିକ ସାହୁ)

ବାଦାମବାଡ଼ି ଥାନାକୁ ଏକ ଆଦର୍ଶ ଥାନାରେ ପରିଣତ କରିବା ପାଇଁ ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବରିଷ୍ଠ ସାମ୍ବାଦିକ ଅମ୍ଳାନ ବଦନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସ୍ଥାନୀୟ ସର୍କିଟ ହାଉସ୍‌ଠାରେ ପାଣ୍ଡିଆନଙ୍କୁ ଭେଟି ଦାବି ଉପସ୍ଥାପନ କରିଥିଲେ। ବାଦାମବାଡି କଟକ ସହରର ଏକ ଜନଗହଳିପୂର୍ଣ୍ଣ ଅଞ୍ଚଳ। ହେଲେ ରାସ୍ତାପାର୍ଶ୍ୱରେ ଏହି ଥାନା ଅସୁରକ୍ଷିତ ଭାବେ କାର୍ଯ୍ୟ କରୁଛି। ତାହା ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ସେମାନେ ୫-ଟି ସଚିବଙ୍କୁ କହିଥିଲେ। ଆଗନ୍ତୁକ କିମ୍ବା ମହିଳା ଓ ବରିଷ୍ଠ ନାଗରିକଙ୍କ ପାଇଁ ବସିବାକୁ ଥାନାରେ କୋଠରୀଟିଏ ନ ଥିଲାବେଳେ ରାସ୍ତା ଉପରେ ବହୁ ଯାନବାହାନ ଅସଂଗଠିତ ଭାବେ

### ୫-ଟି ସଚିବଙ୍କୁ ଦାବିପତ୍ର

ପଡ଼ିରହୁଛି। ବିଶେଷକରି ନେତାଜୀ ବସ୍ ଟର୍ମିନାଲ ଭଳି ଏକ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ହେଉଥିବାବେଳେ ଥାନାଟି ମଧ୍ୟ ଉଚ୍ଚ କୋଟିର ହେବା ଆବଶ୍ୟକ ବୋଲି ଦାବି ଉପସ୍ଥାପନ କରାଯାଇଥିଲା। ପାଣ୍ଡିଆନ ସମସ୍ତ ଯୁକ୍ତି ଶୁଣିବା ପରେ ସମସ୍ୟାର ଶୀଘ୍ର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ସହ ପ୍ରଶାସନିକ ଅଧିକାରୀମାନଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ଆଦେଶ ଦେଇଥିଲେ। ସ୍ଥାନୀୟ ମୁରବି ବାବୁ ପ୍ରଧାନ, ଇଂ. ଶୁଶ୍ରୁତ ମହାନ୍ତି, ଜଗତ୍‌ଜ୍ୟୋତି ପଟ୍ଟନାୟକ, ସାମ୍ବାଦିକ ଆଲୋକ ନାୟକ, ଦୟାନିଧି ରାଉତ, ବିଜେଡି ଜିଲା ସଭାପତି ଦେବାଶିଷ ସାମନ୍ତରାୟ ଓ ନିରାମୟ ଉପଦେଷ୍ଟା ଡ. ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ସଭାପତି ପଦ ପାଇଁ ୨ ଗୋଷ୍ଠୀ ଟଣାଓଟରା

କଟକ,୧୨।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ପାର୍ବଣ ପୂର୍ବରୁ ସହରରେ ପୂଜା କମିଟି ବିବାଦ ମୁଣ୍ଡ ଟେକିବାକୁ ଲାଗିଛି। ପୂଜା କମିଟି ସଭାପତି ପଦରେ କିଏ ବସିବ ସେନେଇ ଗୋଷ୍ଠୀକନ୍ଦଳ ଆରମ୍ଭ ହୋଇଯାଇଛି। କଲେଜ ଛକ ପୂଜା କମିଟିରେ ସଭାପତି କିଏ ହେବ ସେନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଟଣାଓଟରା ଦେଖିବାକୁ ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ, କଲେଜ ଛକ ପୂଜା କମିଟି ଏକ ପୁରାତନ ଅନୁଷ୍ଠାନ। ଗତ ଜୁଲାଇ ୩୦ ତାରିଖରେ ପାଟରା ସାହିର ବୁଢ଼ୀ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ପୂର୍ବତନ ସଭାପତି ତଥା ସାହି ମୁରବି ସୁରେନ୍ଦ୍ର ନାଥ ଦାସଙ୍କ ପୌରହିତ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବସମ୍ମତିକ୍ରମେ କଲେଜ ଛକ ପୂଜା ପ୍ରତିଷ୍ଠାନର ସଭାପତି ଭାବେ ବିଷ୍ଣୁ ଚରଣ ସାହୁଙ୍କୁ ଓ ବଦ୍ରି ନାରାୟଣ ଲେଙ୍କାଙ୍କୁ ସହସମ୍ପାଦକ ଭାବେ

### କଲେଜ ଛକ ପୂଜା କମିଟି

ମନୋନୀତ କରାଯାଇଥିଲା। ଏହାକୁ ବିରୋଧ କରି ଆଉ ଏକ ଗୋଷ୍ଠୀ କିଛି ସାହି ମୁରବିଙ୍କୁ ଧରି ଅନ୍ୟ ଏକ ବୈଠକ ଡାକିବାକୁ ଖାତା ବୁଲାଇଥିଲେ। ତେବେ ଚାପରେ ଆସି ସାହିରେ ଗଣ୍ଡଗୋଳକୁ ଏଡ଼ାଇବାକୁ ଯାଇ ସ୍ଥାନୀୟ କର୍ପୋରେଟର ତଥା ସାହି ବାସିନ୍ଦା ବଟକୃଷ୍ଣ ସାହୁ, ବ୍ୟାସଦେବ ପାତ୍ର, ବିଷ୍ଣୁ ଚରଣ ସାହୁ, ଦିବାକର ଚୌଧୁରୀ, ଅଶୋକ ଦାସ ପ୍ରମୁଖ ୪୨ଜଣ ମାଲଗୋଦାମ ଥାନାରେ ଅଭିଯୋଗ କରିବା ସହ ଏସିପି ଓ ଡିସିପିଙ୍କୁ ଅବଗତ କରିଥିଲେ। ଏହାପରେ ଗତ ୯ ତାରିଖରେ ପାଟରା ସାହିର ସେହି ବୁଢୀ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଆଉ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଲୋକନାଥ ଲେଙ୍କାଙ୍କୁ କଲେଜ ଛକ ପୂଜା ପ୍ରତିଷ୍ଠାନର ସଭାପତି ଭାବେ ମନୋନୀତ କରାଯାଇଥିବା ଜଣାପଡ଼ିଥିଲା।

ତେବେ କଲେଜ ଛକ ପୂଜା ପ୍ରତିଷ୍ଠାନର ସମ୍ବିଧାନ ଅନୁଯାୟୀ ପ୍ରତିବର୍ଷ କଲେଜ ଛକ ପୂଜା ପ୍ରତିଷ୍ଠାନର ସାଧାରଣ ପରିଷଦର ଅନୁମୋଦନ ପରେ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯିବା କଥା। ଏଥିରେ ଜଣେ ଅଧ୍ୟକ୍ଷ, ଜଣେ ସଭାପତି, ଜଣେ ଉପ-ସଭାପତି, ଜଣେ ସମ୍ପାଦକ, ଜଣେ ଯୁଗ୍ମ ସମ୍ପାଦକ ଓ ଜଣେ କୋଷାଧ୍ୟକ୍ଷଙ୍କୁ ନେଇ ସର୍ବାଧିକ ୩୦ ଜଣ କାର୍ଯ୍ୟକାରୀ କମିଟି ସଦସ୍ୟ ରହିବେ। ମାତ୍ର ଜୁଲାଇ ୩୦ ଓ ଅଗଷ୍ଟ ୯ରେ ଦୁଇଜଣ ସଭାପତିଙ୍କୁ ମନୋନୟନ କରାଯିବା ନେଇ ବିବାଦ ମୁଣ୍ଡ ଟେକିଛି। ପୂଜା କମିଟି ସଭାପତି ପଦରେ କିଏ ବସିବ ସେ ନେଇ ଗୋଟିଏ ସାହିର ଦୁଇ ଗୋଷ୍ଠୀ ଛକାପଞ୍ଝା ସ୍ଥିତିରେ। ହେଲେ ପ୍ରତିଷ୍ଠାନର ଅସାମ୍ବିଧାନିକ ଭାବେ କିଛି ବର୍ଷ ଧରି ନିର୍ବାଚନ କରା ନ ଯାଇ ମନୋନୟନ ପ୍ରକ୍ରିୟାରେ କର୍ମକର୍ତ୍ତା ବଛାଯାଉଛି, ଯାହାକୁ ନେଇ ଏକ ମାମଲା ଏବେ ଅଦାଲତରେ ବିଚାରାଧୀନ ରହିଛି।

## ଅବସରପ୍ରାପ୍ତ ମୁଖ୍ୟ ବିଚାରପତିଙ୍କୁ ଆଲବମ୍ ଉପହାର

କଟକ,୧୨।୮ (କାର୍ତ୍ତିକ ସାହୁ)

ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କୁ ଉପନିର୍ଦ୍ଦେଶକ ତଥା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ଫଟୋଚିତ୍ର ସମ୍ବଳିତ ଏକ ଆଲ୍‌ବମ୍ ପ୍ରଦାନ କରିଛନ୍ତି। ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ପ୍ରତାପ କୁମାର ପାତ୍ର, ଡେପୁଟି ରେଜିଷ୍ଟ୍ରାର ଦେବାଶିଷ ମହାନ୍ତି ଓ ହାଇକୋର୍ଟ ରେଜିଷ୍ଟ୍ରିର ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ମୁରଲୀଧରଙ୍କୁ ସାକ୍ଷାତ କରି ଉକ୍ତ ଆଲବମ ପ୍ରଦାନ କରାଯାଇଥିଲା। ଏହି ଆଲ୍‌ବମ୍‌ରେ ଡ. ମୁରଲୀଧରଙ୍କ କାର୍ଯ୍ୟକାଳରେ ହୋଇଥିବା ସଂସ୍କାରମୂଳକ ପଦକ୍ଷେପ ସମ୍ବନ୍ଧିତ ବିବରଣୀ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଖବର ଓ ଫଟୋଚିତ୍ର ସ୍ଥାନ ପାଇଛି। ସୂଚନାଯୋଗ୍ୟ, ହାଇକୋର୍ଟର ଢାଞ୍ଚାଗତ ପରିବର୍ତ୍ତନ, ଆଇନ ସେବା, ରେକର୍ଡ ରୁମ୍ ଡିଜିଟାଇଜେସନ ସେଣ୍ଟର, ନଥିପତ୍ର ସଂରକ୍ଷଣ କେନ୍ଦ୍ର ପ୍ରତିଷ୍ଠା, କାଗଜ ଶୂନ୍ୟ କୋର୍ଟ ପରିଚାଳନା, ନୂତନ କୋର୍ଟ କୋଠା ନିର୍ମାଣ ଓ କର୍ମଚାରୀଙ୍କ ନିମନ୍ତେ ଆବାସିକ ଗୃହ ନିର୍ମାଣ ଭଳି ଅନେକ ଯୁଗାନ୍ତକାରୀ ପଦକ୍ଷେପ ମୁରଲୀଧର ଗ୍ରହଣ କରିଥିଲେ। ବିଚାର ପ୍ରକ୍ରିୟା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରିବା ତଥା ନ୍ୟାୟିକ ପ୍ରକ୍ରିୟାକୁ ସାଧାରଣ ଲୋକଙ୍କ ନିକଟତର କରାଇବା ଦିଗରେ ସେ କାର୍ଯ୍ୟପନ୍ଥା ଗ୍ରହଣ କରିଥିଲେ। ମୁଖ୍ୟ ବିଚାରପତି ଭାବେ ମୁରଲୀଧରଙ୍କ କାର୍ଯ୍ୟକାଳ ସମୟରେ ବିଭିନ୍ନ ଖବକାଗଜରେ ପ୍ରକାଶ ପାଇଥିବା ଖବରର ଉଦ୍ଧୃତାଂଶଗୁଡିକୁ ଏକତ୍ରିତ କରି ଖୁବ୍ ସୁନ୍ଦର ଭାବରେ ସଜ୍ଜୀକରଣ କରାଯାଇ ଆଲ୍‌ବମ୍ ପ୍ରସ୍ତୁତ କରାଯାଇଛି। ମୁରଲୀଧର ଉକ୍ତ ଆଲ୍‌ବମ୍‌କୁ ଗ୍ରହଣ କରି ସନ୍ତୋଷ ବ୍ୟକ୍ତ କରିବା ସହ ହାଇକୋର୍ଟର ଆଭିମୁଖ୍ୟଗୁଡିକର ପ୍ରଚାର ପ୍ରସାର କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ଉପନିର୍ଦ୍ଦେଶକ ମହାପାତ୍ରଙ୍କ କାର୍ଯ୍ୟର ପ୍ରଶଂସା କରିଥିଲେ।



ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କୁ ଆଲବମ୍ ଉପହାର ଦିଆଯାଉଛି।

## 'ଜ୍ଞାନବୃଦ୍ଧି କ୍ଷେତ୍ରରେ ଗ୍ରନ୍ଥାଗାରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

କଟକ,୧୨।୮ (କାର୍ତ୍ତିକ ସାହୁ)

ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହ ପକ୍ଷରୁ ଜାତୀୟ ଗ୍ରନ୍ଥାଗାରିକ ଦିବସ ପଦ୍ମିନୀ ଅଡିଟୋରିୟମ୍‌ରେ ଶନିବାର ପାଳିତ ହୋଇଛି। ଡ୍ରିମ୍‌ସର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି କହିଥିଲେ, ବ୍ୟକ୍ତିଙ୍କୁ ସ୍ୱୟଂସମ୍ପୂର୍ଣ୍ଣ କରି ଗଢ଼ିତୋଳିବାରେ ଗ୍ରନ୍ଥାଗାର ଓ ଗ୍ରନ୍ଥାଗାରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଜିର ଇଣ୍ଟରନେଟ୍ ଯୁଗରେ ଆମର ପିଲାମାନେ ପୁସ୍ତକ ଓ ପାଠାଗାର ପ୍ରତି ବିମୁଖତା ପ୍ରକାଶ କରିବା ଚିନ୍ତାଜନକ ବିଷୟ। ତେବେ ଶିକ୍ଷା ସହିତ ବୌଦ୍ଧିକ ଜ୍ଞାନ ଆହରଣ ଲାଗି ପୁସ୍ତକ ଅଧ୍ୟୟନ ଓ ପାଠାଗାରର ବହୁଳ ଉପଯୋଗ କରିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ଲୋକନାଥ ବେହେରା, ପ୍ରଫେସର ଡ. ସୁଶାନ୍ତ କୁମାର ଦାସ, ପ୍ରାଧ୍ୟାପକ ଡ. ଆଲୋକ ରଞ୍ଜନ ବିଶ୍ୱାଳ, ପ୍ରାଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର ଶିକ୍ଷାନୁଷ୍ଠାନରେ ଗ୍ରନ୍ଥାଗାର ଓ ଗ୍ରନ୍ଥାଗାରିକଙ୍କ ଆବଶ୍ୟକତାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିଥିଲେ। କେନ୍ଦ୍ରୀୟ ପାଠାଗାର ଜ୍ଞାନ ଉଦ୍ୟାନର



ଡ୍ରିମ୍‌ସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

### ଜାତୀୟ ଗ୍ରନ୍ଥାଗାରିକ ଦିବସ

ମୁଖ୍ୟ ଗ୍ରନ୍ଥାଗାରିକ ଡ. ବିଭୁ ପ୍ରସାଦ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବାବେଳେ ଗ୍ରନ୍ଥାଗାରିକ ପବିତ୍ର କୁମାର ନାୟକ ଉପସ୍ଥିତ ଥିଲେ। ପ୍ରାଧ୍ୟାପିକା ଅମ୍ରିତା ସିଂ କାର୍ଯ୍ୟକ୍ରମ ସଂଯୋଜନା ଓ ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଆଧୁନିକ ଗ୍ରନ୍ଥାଗାର ବିଜ୍ଞାନର ଜନକ ପ୍ରଫେସର ଡ. ଏସ୍. ଆର୍. ରଙ୍ଗନାଥନ୍‌ଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ବିଭିନ୍ନ ଉଇଙ୍ଗର ଅଧାପିକା, ଅଧାପକ, ଗ୍ରନ୍ଥାଗାରିକ ଓ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

ଖ୍ରୀଷ୍ଟ କଲେଜର ନଳିନୀ ଲାଇବ୍ରେରୀ ତରଫରୁ ଜାତୀୟ ଗ୍ରନ୍ଥାଗାରିକ ଦିବସ ପାଳିତ ହୋଇଛି। ଏଥିରେ ଅଧ୍ୟକ୍ଷା ମଧୁମିତା ପାତ୍ର ସଭାପତିତ୍ୱ କରି କହିଥିଲେ, ଜ୍ଞାନବୃଦ୍ଧି କ୍ଷେତ୍ରରେ ଗ୍ରନ୍ଥାଗାର ଓ ଗ୍ରନ୍ଥାଗାରିକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥିରେ ମୁଖ୍ୟବକ୍ତା ଭାବେ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଲାଇବ୍ରେରୀ ଓ ଇନ୍‌ଫରମେସନ୍ ସାଇନ୍ସର ଆସିଷ୍ଟାଣ୍ଟ ପ୍ରଫେସର ଜୀବନ ବଲ୍ଲଭ ଜେନା ଯୋଗଦେଇଥିଲେ। ଲାଇବ୍ରେରୀ କମିଟିର ସଂଯୋଜିକା ଡ. ଜେହାରାଜବୀନ ଅତିଥି ପରିଚୟ ପ୍ରଦାନ, ନଳିନୀ ଲାଇବ୍ରେରୀର ଲାଇବ୍ରେରିୟାନ୍ ସ୍ମିତିରଞ୍ଜନ ମଲ୍ଲିକ ପ୍ରାରମ୍ଭିକ ସୂଚନା ଓ ଜୁନିୟର ଲାଇବ୍ରେରିୟାନ ଶାଶ୍ୱତୀ ଦାସ ଧନ୍ୟବାଦ ଦେଇଥିଲେ। ପରିଚାଳନା ସମିତି ସଭ୍ୟ ସୌମେନ୍ଦ୍ର ଦାସ, ଉପାଧ୍ୟକ୍ଷା ଡ. କ୍ଷଣପ୍ରଭା ନନ୍ଦ, ପ୍ରଶାସନିକ ବର୍ସାର୍ ସୁମନ ରଏଙ୍କ ସମେତ ଅଧାପିକା, ଅଧାପକ ଯୋଗଦେଇଥିଲେ।

ସିଡିଏସ୍ଥିତ ଡିଏଭି ପବ୍ଲିକ ସ୍କୁଲରେ ଜାତୀୟ ଗ୍ରନ୍ଥାଗାରିକ ଦିବସ ପାଳିତ ହୋଇଛି। ଏଥିରେ ଅଧ୍ୟକ୍ଷା ନମିତା ମହାନ୍ତି ପୌରୋହିତ୍ୟ କରି ଛାତ୍ରୀଛାତ୍ରମାନେ ପୁସ୍ତକ ପଠନ ନିମନ୍ତେ ଉତ୍ସାହିତ ହେବାକୁ କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୌତୁକ ପୋଷାକ ପ୍ରତିଯୋଗିତା ହୋଇଥିଲା।

# ସମନ୍ୱୟ ରକ୍ଷାକରି ଧାର୍ଯ୍ୟଲକ୍ଷ୍ୟ ପୂରଣକୁ ଗୁରୁତ୍ୱ

■ଭୁବନେଶ୍ୱରରେ ଅର୍ଥ ମନ୍ତ୍ରଣାଳୟର ଆଞ୍ଚଳିକ ବୈଠକ
■ପୂର୍ବାଞ୍ଚଳ ରାଜ୍ୟରେ ପିଏମ୍ ସ୍ୱନିଧି ଯୋଜନାର ପ୍ରଗତି ଓ ପ୍ରଦର୍ଶନ ସମୀକ୍ଷା

ଭୁବନେଶ୍ୱର,୧୨।୮ (ଅଭୟ ଦାଶ)




ଦେଶର ବିକାଶ ସହ ଦେଶବାସୀଙ୍କ ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା ଓ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏପରିକି ସରକାରୀ ଯୋଜନାର ବାସ୍ତବାତକୁ ସରକାର ସମୀକ୍ଷା ମଧ୍ୟ କରୁଛନ୍ତି। ଶନିବାର କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଡ. ଭାଗବତ କେ. କରାଡ଼ଙ୍କ ଅଧ୍ୟକ୍ଷତାରେ ଅର୍ଥ ମନ୍ତ୍ରଣାଳୟର ଆଞ୍ଚଳିକ ବୈଠକ ଭୁବନେଶ୍ୱରର ଏକ ୫ ତାରକା ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଓଡ଼ିଶା, ବିହାର, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ଭଳି ପୂର୍ବାଞ୍ଚଳ ରାଜ୍ୟରେ ପିଏମ୍ ସ୍ୱନିଧି ଯୋଜନାର ପ୍ରଗତି ଓ ରାଜ୍ୟଗୁଡ଼ିକର ପ୍ରଦର୍ଶନ ଆଦି ସମୀକ୍ଷା କରାଯାଇଛି। ବିଶେଷକରି ବିଭିନ୍ନ ବ୍ୟାଙ୍କ ପକ୍ଷରୁ ଫେରାଇ ଦିଆଯାଇଥିବା ଆବେଦନଗୁଡ଼ିକର ସଂଖ୍ୟା ହ୍ରାସ ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅର୍ଥରାଷ୍ଟ୍ର ମନ୍ତ୍ରୀ ବିହାର, ଝାଡ଼ଖଣ୍ଡ, ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟରେ ପିଏମ୍ ସ୍ୱନିଧି ଯୋଜନା ଅଧୀନରେ ଋଣ ବିତରଣ ପାଇଁ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କେତେ ଦୂର ଅଗ୍ରଗତି କରିପାରିଛି ସେ ସମ୍ପର୍କରେ ବିସ୍ତୃତ ଅନୁଧ୍ୟାନ କରିବା ସହିତ ଯୋଜନାର ସମୀକ୍ଷା କରିଥିଲେ। ସେହିଭଳି ବ୍ୟାଙ୍କଗୁଡିକ ଫେରାଇ ଦେଇଥିବା ଆବେଦନକୁ ସମୀକ୍ଷା କରିବା ନିମନ୍ତେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପୌର ପ୍ରଶାସନଗୁଡ଼ିକୁ ଅନୁରୋଧ କରିବା ସହ ସେସବୁ ଆବେଦନକୁ ସଂଶୋଧନ କରି ପୁନର୍ବାର ଋଣ ମଞ୍ଜୁର ଓ ବିତରଣ ଲାଗି ଦାଖଲ କରିବାକୁ କହିଥିଲେ। ଏପରିକି ନିର୍ଦ୍ଧାରିତ ସମୟ ମଧ୍ୟରେ ଋଣ ବିତରଣ ଲକ୍ଷ୍ୟ ହାସଲ ନିମନ୍ତେ ଶିବିରମାନ ଆୟୋଜନ କରିବା ଏବଂ ବ୍ୟାଙ୍କଗୁଡ଼ିକୁ ନୂଆ ଆବେଦନ କରିବାରେ ସହାୟତା ଯୋଗାଇଦେବା ଲାଗି ସବୁ ପୌର ପ୍ରଶାସନକୁ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରୋଧ କରିଥିଲେ। ବିଶେଷକରି ପିଏମ୍ ସ୍ୱନିଧି ଯୋଜନାର ଲକ୍ଷ୍ୟ ହାସଲ ନିମନ୍ତେ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବା ନିମନ୍ତେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ସବୁ ବ୍ୟାଙ୍କ ଓ ପୌର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ଉଠାଦୋକାନୀମାନଙ୍କର ଡିଜିଟାଲ ପଞ୍ଜୀକରଣ ସଂଖ୍ୟା ବଢ଼ାଇବା ପାଇଁ ଅଭିନବ ରଣନୀତି ଆପଣାଇବାକୁ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ୨୦୨୩ ଅଗଷ୍ଟ ୯ ସୁଦ୍ଧା ୫୬.୭୦ଲକ୍ଷ ଆବେଦନକୁ ମଞ୍ଜୁରି ଦିଆଯାଇଥିବାବେଳେ ୫୩.୧୯ ଲକ୍ଷ ଆବେଦନ ପତ୍ର ବାବଦରେ ୬,୮୪୩ କୋଟି ଟଙ୍କାର ଋଣ ବିତରଣ କରାଯାଇଛି। ଏହି ଅବସରରେ ଓଡ଼ିଶା ସରକାରଙ୍କ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବଙ୍କ ସମେତ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶ ସରକାରଙ୍କ ବରିଷ୍ଠ ଅଧିକାରୀ, ବିଭିନ୍ନ ରାଜ୍ୟର ମହାନଗର ନିଗମ କମିଶନର, ଏସ୍ଏଲ୍ବିସି ଆବାହକ, ବିଭିନ୍ନ ସରକାରୀ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ, ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ, ଅର୍ଥ ସେବା ବିଭାଗର ଯୁଗ୍ମ ସଚିବ, ୟୁକୋ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ପ୍ରମୁଖ ଉକ୍ତ ବୈଠକରେ ଅଂଶ ଗ୍ରହଣ କରିଥିଲେ।

# କେଏଫ୍‌ସିର ଡବଲ ଡାଉନ୍ ବର୍ଗର

ଭୁବନେଶ୍ୱର,୧୨।୮

କେଏଫ୍‌ସିର ବହୁ ପ୍ରତୀକ୍ଷିତ ତଥା ଲିମିଟେଡ୍ ଏଡିସନ 'କେଏଫ୍‌ସି ଡବଲ ଡାଉନ୍ ବର୍ଗର'ର ଶୁଭାରମ୍ଭ ହୋଇଯାଇଛି। ବିଶେଷକରି କେଏଫ୍‌ସି ଡବଲ୍ ଡାଉନ୍ ବର୍ଗରରେ ୨ଟି ଜୁସି ଚିକେନ୍ ଫିଲେଟ୍ ସହ ସ୍ୱାଦିଷ୍ଟ ସସ୍ (ସ୍ୱାଇସି ଓ କ୍ରିମି ଡାଇନାମାଇଟ୍ ମାୟୋ ଓ ଶ୍ରୀରାଚା) ଏବଂ ମଝିରେ କ୍ରଞ୍ଚି ଭେଜିସ୍ ରହିଛି। ଏହାର ମୂଲ୍ୟ ମାତ୍ର ୨୩୯ ଟଙ୍କା ରହିଥିବାବେଳେ ଡବଲ ଡାଉନ୍ ବର୍ଗର ଅନ୍ୟ ସାଧାରଣ ବର୍ଗରଠାରୁ ଭିନ୍ନ ବୋଲି କେଏଫ୍‌ସି ପକ୍ଷରୁ କୁହାଯାଇଛି। ଏପରିକି ଏହି ଅଲ୍ ଚିକେନ୍, ନୋ ବନ୍ ବର୍ଗର ହେଉଛି, ଚିକେନ୍‌ପ୍ରେମୀଙ୍କ ସ୍ୱପ୍ନ ତିଆରି କରୁଥିବା ଏକ ସ୍ୱାଦିଷ୍ଟ ଖାଦ୍ୟ ହୋଇଥିବାରୁ ଚିକେନ୍‌ପ୍ରେମୀମାନେ କେଏଫ୍‌ସି ଡବଲ୍ ଡାଉନ୍ ବର୍ଗର କ୍ରେଭିଙ୍ଗ୍‌ସକୁ ପୂରା କରିବାର ସମୟ ଆସିଛି। ସେହିଭଳି ଅଫର ଶେଷହେବା ପୂର୍ବରୁ ଗ୍ରାହକମାନେ ନିକଟସ୍ଥ କେଏଫ୍‌ସି ରେଷ୍ଟୁରାଣ୍ଟକୁ କିମ୍ବା ଆପ୍ ଏବଂ ୱେବ୍‌ସାଇଟ୍ ଜରିଆରେ ମଧ୍ୟ ଅର୍ଡର କରିପାରିବେ। ସେହିପରି କେଏଫ୍‌ସିରେ ମଧ୍ୟ ଭାକ୍ସିନେଟେଡ୍ ଟିମ୍ ସେବା ଯୋଗାଉଛନ୍ତି।

# ଜୟଆଲୁକ୍କାସ୍‌ର ସ୍ୱାଧୀନତା ଦିବସ ଅଫର

ଭୁବନେଶ୍ୱର,୧୨।୮

Joyalukkas World's favourite jeweller

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଜୟଆଲୁକ୍କାସ୍ ଜୁଏଲେରି ପକ୍ଷରୁ ସ୍ୱତନ୍ତ୍ର ସ୍ୱାଧୀନତା ଦିବସ ଅଫରର ଶୁଭାରମ୍ଭ କରାଯାଇଛି। ବିଶେଷକରି ଭାରତ ସ୍ୱାଧୀନତାର ୭୬ତମ ବାର୍ଷିକ ଉତ୍ସବ ପାଳନ କରୁଛି। ଏହି ପରିପ୍ରେକ୍ଷୀରେ ଜୟଆଲୁକ୍କାସ୍ ଜୁଏଲେରିର ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର ସହ ପୁରୁଣା ସୁନା ବଦଳରେ ନୂଆ ସୁନା କ୍ରୟ ସମୟରେ ଏକ ବିଶେଷ ରିହାତି ପାଇବେ। ଏପରିକି ଏକ ସ୍ୱତନ୍ତ୍ର ଅବଧି ପାଇଁ ପୁରୁଣା ସୁନା ବଦଳାଉଥିବା ଗ୍ରାହକ ବର୍ତ୍ତମାନ ଗ୍ରାମ୍ ପିଛା ସାମ୍ପ୍ରତିକ ସୁନା ହାର ବଦଳ ମୂଲ୍ୟ ତୁଳନାରେ ୭୬ ଟଙ୍କା ଅଧିକ ପାଇବେ। ଏହି ଅଫର ୨୦୨୩ ଅଗଷ୍ଟ ୧୨ ରୁ ୧୫ ପର୍ଯ୍ୟନ୍ତ ସମସ୍ତ ଜୟଆଲୁକ୍କାସ୍ ଆଉଟ୍‌ଲେଟ୍‌ରେ ୪ଦିନ ପାଇଁ ବୈଧ ରହିଛି। ଅପରପକ୍ଷରେ ଗ୍ରାହକମାନେ ଏହି ପ୍ରୋତ୍ସାହନ ଅବଧି ମଧ୍ୟରେ ହୀରା ଅଳଙ୍କାର ଉପରେ ୨୫% ରିହାତି ପାଇପାରିବେ। ସେହିଭଳି ସ୍ୱାଧୀନତା ଦିବସ ଅବସରରେ ଗ୍ରାହକମାନେ ଜୟଆଲୁକ୍କାସ୍‌ର ଆକର୍ଷଣୀୟ ଡିଜାଇନ ଓ ବ୍ୟାପକ ସମ୍ଭାରର ସମାହାରରୁ ବାଛିବା ଓ କିଣିବା ପାଇଁ ସୁଯୋଗ ପାଇବେ। ଉକ୍ତ ସମ୍ଭାରରେ ସୁନା, ହୀରା, ମୂଲ୍ୟବାନ୍ ପଥର ଏବଂ ଆହୁରି ଅନେକ ପ୍ରକାର ମାଷ୍ଟରପିସ୍ ସାମିଲ ରହିଛି। ଏ ସମ୍ପର୍କରେ ଜୟଆଲୁକ୍କାସ୍ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଜୟ ଆଲୁକ୍କାସ୍ କହିଛନ୍ତି, ଭାରତର ଗୌରବମୟ ସ୍ୱାଧୀନତା ଦିବସ ପାଳନ ଅବସରରେ ଆମର ଦେଶବାସୀଙ୍କ ପାଇଁ ଜୟଆଲୁକ୍କାସ ପକ୍ଷରୁ କିଛି କରିବାକୁ ଚାହୁଁଛୁ। ଏପରିକି ଆମର ସ୍ୱତନ୍ତ୍ର ଅଫର ସହ ଭାରତବ୍ୟାପୀ ଆମର ସମସ୍ତ ଶୋ'ରୁମ୍‌ରେ ପୁରୁଣା ସୁନା ବଦଳରେ ଗ୍ରାମ୍ ପିଛା ୭୬ ଟଙ୍କା ଅଧିକ ପାଇବାର ସୁଯୋଗ ଦିଆଯାଉଛି। ବିଶେଷକରି ଗ୍ରାହକମାନେ ମଧ୍ୟ ସମସ୍ତ ହୀରା ଅଳଙ୍କାର କ୍ରୟ ଉପରେ ୨୫%ର ରିହାତି ପାଇବାକୁ ମଧ୍ୟ ଯୋଗ୍ୟ ହେବେ। ମୁଁ ଏହି ଅବସରରେ ସମସ୍ତଙ୍କୁ ଏକ ସୁଖ ଶାନ୍ତିରେ ପରିପୂର୍ଣ୍ଣ ସ୍ୱାଧୀନତା ଦିବସ କାମନା କରୁଛି। ଏହି ଆକର୍ଷଣୀୟ ଅଫରଗୁଡ଼ିକ ସ୍ୱତନ୍ତ୍ର ଭାବେ ୨୦୨୩ ଅଗଷ୍ଟ ୧୨ରୁ ୧୫ ପର୍ଯ୍ୟନ୍ତ ସମସ୍ତ ଜୟଆଲୁକ୍କାସ୍ ଶୋ'ରୁମ୍‌ରେ ଉପଲବ୍ଧ ରହିଛି।

# ସୁଲଭ ମୂଲ୍ୟରେ ଗୁଣାତ୍ମକ ସାମଗ୍ରୀ




ଭୁବନେଶ୍ୱର, ୧୨।୮

ସ୍ପୋର୍ଟ୍ସ ଏମ୍ପୋରିୟମର ଆଉ ଏକ ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଶନିବାର ଭୁବନେଶ୍ୱରର ବାପୁଜୀନଗରଠାରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଉଟ୍‌ଲେଟ୍‌ର ସ୍ୱତ୍ୱାଧିକାରୀ (ମାଲିକ) ପ୍ରମୋଦ କୁମାର ଧୁପର, ସୁଧୀର ଧୁପର, ରୌନକ ଧୁପର, ସାହିଲ ଧୁପର, ଦେଭମ ଧୁପର, ଆରତି ଧୁପର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏଠାରେ ବିଭିନ୍ନ ଖେଳର ସାମଗ୍ରୀ ସହିତ ଜିମ୍ ଓ ଅନ୍ୟାନ୍ୟ ଆବଶ୍ୟକ ସ୍ପୋର୍ଟ୍ସ ଉପକରଣ ସୁଲଭ ମୂଲ୍ୟରେ ମିଳିବ ବୋଲି ବ୍ରାଣ୍ଡ୍ ପକ୍ଷରୁ କୁହାଯାଇଛି। ଏପରିକି କ୍ରିକେଟ୍, ଫୁଟ୍‌ବଲ, ହକି, ବ୍ୟାଡ୍‌ମିଣ୍ଟନ, ଜିମ୍ ଉପକରଣ, ଆଥଲେଟ୍ ପୋଷାକ, ସନ୍ତରଣ ପୋଷାକ, ଟ୍ରଫି ଭଳି ଅନେକ ନାମୀଦାମୀ ବ୍ରାଣ୍ଡ୍‌ର ସାମଗ୍ରୀ ଏଠାରେ ଉପଲବ୍ଧ ରହିଛି। ଉଦ୍‌ଘାଟନ ଅବସରରେ ଗ୍ରାହକ ଓ ଖେଳାଳିମାନଙ୍କୁ ୫୦% ପର୍ଯ୍ୟନ୍ତ ରିହାତି ମିଳିବ। ଏହି ଅଫର ୧ ମାସ ପର୍ଯ୍ୟନ୍ତ ରହିବ। ଗ୍ରାହକମାନେ ଉକ୍ତ ରିହାତିର ଲାଭ ଉଠାଇପାରିବେ ବୋଲି ଆଉଟ୍‌ଲେଟ୍ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ଭୁବନେଶ୍ୱରର ଜନପଥ ଏବଂ ଜୟଦେବ ବିହାରଠାରେ ଆଉ ୨ଟି ଷ୍ଟୋର ରହିଥିବା ବେଳେ ବାପୁଜୀନଗରରେ ବ୍ରାଣ୍ଡ୍‌ର ଏହା ତୃତୀୟ ଷ୍ଟୋର ବୋଲି ଆଉଟ୍‌ଲେଟ ପକ୍ଷରୁ ସୂଚନା ଦିଆଯାଇଛି।୧୯୭୮ରେ ଆରମ୍ଭ ହୋଇଥିବା ସ୍ପୋର୍ଟ୍ସ ଏମ୍ପୋରିୟମ୍ ଆଗାମୀ ଦିନରେ ଭୁବନେଶ୍ୱର ସହ ଓଡ଼ିଶାର ବିଭିନ୍ନ ସ୍ଥାନରେ ବ୍ରାଣ୍ଡ୍‌ର ନୂତନ ଷ୍ଟୋର ଖୋଲିବାକୁ ଲକ୍ଷ୍ୟ ରଖାଯାଇଛି।



ଦିଭିସା ହର୍ବାଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଅଗ୍ରଣୀ ବ୍ରାଣ୍ଡ୍ ରୂପମନ୍ତ୍ରା ପରିବାର ପକ୍ଷରୁ ଅନ୍ତର୍ଜାତୀୟ ଯୁବଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ଚଣ୍ଡିଗଡ଼ସ୍ଥିତ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ରୂପ ମନ୍ତ୍ରାର ଯୁବ କର୍ମଚାରୀମାନେ ଏହାର ପ୍ରଚାର ଓ ପ୍ରସାର କରିବା ସହ ଯୁବ ଦିବସର ସ୍ୱତନ୍ତ୍ର କାର୍ଯ୍ୟକ୍ରମର ବିଜୟୀ କର୍ମଚାରୀମାନେ ପୁରସ୍କୃତ ହୋଇଛନ୍ତି ।

# ଟାଇଡ଼୍‌ର ଇନ୍‌ଭଏସିଂ ସମାଧାନ

ଭୁବନେଶ୍ୱର,୧୨।୮

ଦେଶର ଅଗ୍ରଣୀ ଡିଜିଟାଲ ବ୍ୟବସାୟ ଆର୍ଥିକ ପ୍ଲାଟ୍‌ଫର୍ମ ଟାଇଡ୍ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଇନ୍‌ଭଏସିଂ ସମାଧାନର ସର୍ବଭାରତୀୟ ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ଶନିବାର ଓଡ଼ିଶା ବଜାରରେ ଇନ୍‌ଭଏସିଂ ସମାଧାନର ଆନୁଷ୍ଠାନିକ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ଏପରିକି ଓଡ଼ିଶାର କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ପାଇଁ ଇନ୍‌ଭଏସିଂ ସମାଧାନର ଶୁଭାରମ୍ଭ ହୋଇଛି, ଯାହା ସେମାନଙ୍କ ନିୟମକୁ ସୁଦୃଢ଼ କରିବା, ଇନ୍‌ଭଏସ୍ ପ୍ରକ୍ରିୟାକୁ ଅପ୍ଟିମାଇଜ୍ କରିବା, ଖର୍ଚ୍ଚ ହ୍ରାସ କରିବା ଏବଂ ସାଂଗଠନିକ ଦକ୍ଷତା ବୃଦ୍ଧି କରିବାରେ ଏହା ସାହାଯ୍ୟ କରିବ। ସେହିଭଳି ପାରମ୍ପରିକ ଉଦ୍ୟୋଗଗୁଡ଼ିକର ଡିଜିଟାଇଜେଶନ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକ ପାଇଁ ଜଟିଳ ରହିଛି, ଯାହାର ଉତ୍ସ ଏବଂ ବୈଷୟିକ ଅଭାବ ପରିଲକ୍ଷିତ ହୋଇଥାଏ। ଏ ସମ୍ପର୍କରେ ଟାଇଡ୍ ଇଣ୍ଡିଆର ସିଇଓ ଗୁରୁଯୋଧୋପାଲ ସିଂ କହିଛନ୍ତି, ଆମେ ବ୍ୟବସାୟୀଙ୍କୁ ସାହାଯ୍ୟ କରିବାରେ ବିଶ୍ୱାସ କରିଥାଉ। ବିଶେଷକରି କଣ୍ଟ୍ରାକ୍ଟର, ଫ୍ରିଲାନ୍‌ସର, ବ୍ୟବସାୟୀ କ୍ଷେତ୍ରର ମାଲିକମାନେ ଏହାର ବ୍ୟବହାର ଦ୍ୱାରା ଉଭୟ ସମୟ ଏବଂ ଅର୍ଥ ସଞ୍ଚୟ କରିପାରିବେ। ଏପରିକି ଆମର ଇନ୍‌ଭଏସିଂ ସମାଧାନ ଏ ଦିଗରେ ଗୋଟିଏ ପାଦ ଆଗକୁ ନେଇଥାଏ। ସେହିଭଳି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ପାଇଁ ଆବଶ୍ୟକ ପ୍ରକ୍ରିୟାଗୁଡ଼ିକୁ ଶୃଙ୍ଖଳିତ କରିବାକୁ ଆମକୁ ଅନୁମତି ଦେଇଥାଏ। ବିଶେଷକରି ଭିନ୍ନ ଭିନ୍ନ ସେବା ପରିଚାଳନା ପାଇଁ ଏକାଧିକ ଉତ୍ପାଦ ବ୍ୟବହାର କରିବାର ଆବଶ୍ୟକତାକୁ ଏହା ଦୂର କରିଥାଏ। ବର୍ଷକ ମଧ୍ୟରେ କମ୍ପାନୀ ଟାଇଡ୍ ସଦସ୍ୟମାନଙ୍କ ପାଇଁ ଆକର୍ଷଣୀୟ ଅଫରଗୁଡ଼ିକୁ ଆହୁରି ବିବିଧ କରିବ ଏବଂ ଅନ୍ୟ ଫିନ୍‌ଟେକ୍‌ଗୁଡ଼ିକ ସହ ସହଭାଗିତା ମାଧ୍ୟମରେ କ୍ୟୁଆର କୋଡ୍ ଆଧାରିତ ଦେୟ ଏବଂ କ୍ରେଡିଟ୍ ଭଳି ସମାଧାନ ମଧ୍ୟ ପ୍ରଦାନ କରିବ।

# ଓସାକ୍ସର ୨ଦିନିଆ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୧୨।୮

ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (ଓସାକ୍ସ) ପକ୍ଷରୁ ଏକ ୨ ଦିନିଆ ପ୍ରଶିକ୍ଷଣ ଶିବିର ଭୁବନେଶ୍ୱରଠାରେ ଆୟୋଜିତ ହୋଇଯାଇଛି। ରାଜ୍ୟର ଗ୍ରାମାଞ୍ଚଳଗୁଡିକରେ ଲୋକନୃତ୍ୟ ଜରିଆରେ ଏଚ୍ଆଇଭି ଏଡସ୍ ସମ୍ପର୍କିତ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ସହ ବ୍ୟାପକ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଉକ୍ତ କର୍ମଶାଳାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଅତିଥିମାନେ ପାରମ୍ପରିକ ଲୋକନୃତ୍ୟର ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ବିଶେଷକରି ଗ୍ରାମାଞ୍ଚଳରେ ଜନ ସଚେତନତା ସୃଷ୍ଟି ସହ ଏ କ୍ଷେତ୍ରରେ ପାରମ୍ପରିକ ଲୋକନୃତ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ଅଭିହିତ କରିଥିଲେ। ସେମାନେ କହିଥିଲେ , ଏହି ମାଧ୍ୟମରେ ଦିଆଯାଉଥିବା ସୂଚନା ଲୋକମାନଙ୍କ ମଧ୍ୟରେ ଆଦୃତ ହେବା ସହ ସହଜରେ ଗ୍ରହଣୀୟ ହୋଇଥାଏ। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ସ୍ୱୀକୃତିପ୍ରାପ୍ତ କଳାକାର ଦଳକୁ ନେଇ ଏକ ସାଧାରଣ ମାନର ସୂଚନାବଳୀ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଏହି ପ୍ରଶିକ୍ଷଣ କର୍ମଶାଳା ଆୟୋଜିତ ହୋଇଥିଲା। ବର୍ତ୍ତମାନ ଏହି କାର୍ଯ୍ୟକ୍ରମ ରାଜ୍ୟର ଅତ୍ୟଧିକ ଏଡସ୍ ପ୍ରବଣ ୯ଟି ଜିଲାରେ କରାଯିବ ବୋଲି ଓସାକ୍ସ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ଜିଲାଗୁଡ଼ିକ ମଧ୍ୟରେ ଅନୁଗୋଳ, ବାଲେଶ୍ୱର, ବଲାଙ୍ଗୀର, ଗଞ୍ଜାମ, ଖୋର୍ଦ୍ଧା, କୋରାପୁଟ, ନବରଙ୍ଗପୁର, କଟକ, ଝାରସୁଗୁଡ଼ା, କଟକ । ସ୍ୱୀକୃତିପ୍ରାପ୍ତ ଦଳଙ୍କୁ ନେଇ ବିଭିନ୍ନ ଜିଲାର ଗ୍ରାମାଞ୍ଚଳରେ ଜନସଚେତନତା କାର୍ଯ୍ୟକ୍ରମ ହେବ । ଏଥିରେ ପାଲା, ଦାସକାଠିଆ, ଘୋଡ଼ାନାଚ, ପପେଟ, ପଥପ୍ରାନ୍ତ ନାଟକ ଆଦି ଲୋକନୃତ୍ୟ ଦଳଙ୍କୁ ନେଇ ପରିବେଷଣ କରାଯିବ।

# ଅରୁନ୍ଧତୀରେ ଚେନ୍ସ ଆଣ୍ଡ ବ୍ୟାଙ୍ଗ୍‌ଲସ୍ ଫେଷ୍ଟିଭାଲ

ଭୁବନେଶ୍ୱର,୧୨।୮



ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ 'ଅରୁନ୍ଧତୀ ଜୁଏଲର୍ସ'ର ବହୁ ପ୍ରତୀକ୍ଷିତ ତଥା ଅଭିଜ୍ଞ କାରିଗରି ଦ୍ୱାରା ନିର୍ମିତ ଅଳଙ୍କାରର ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ 'ଚେନ୍ସ ଆଣ୍ଡ ବ୍ୟାଙ୍ଗ୍‌ଲସ୍ ଫେଷ୍ଟିଭାଲ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ଅବସରରେ ଆକର୍ଷଣୀୟ ଡିଜାଇନ ଓ ସ୍ୱତନ୍ତ୍ର କାରିଗରି ଭରା ଗୋଲ୍ଡ, ଡାଇମଣ୍ଡ ଏବଂ ପ୍ଲାଟିନମ କଲେକ୍ସନର ବ୍ୟାପକ ସମ୍ଭାର ପ୍ରଦର୍ଶନୀରେ ସାମିଲ ହୋଇଛି। ସେହିଭଳି ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଅଫରର ବ୍ୟବସ୍ଥା କରାଯାଇଛି। ବିଶେଷକରି ସୁନାଗହଣାର ଗଢ଼ା ମଜୁରି ଉପରେ ୫୦% ପର୍ଯ୍ୟନ୍ତ ରିହାତି ଦିଆଯାଉଥିବାବେଳେ ହୀରା ମୂଲ୍ୟ ଉପରେ ୩୦% ରିହାତି ଏବଂ ରୁପା ଅଳଙ୍କାର ଉପରେ ୫୦%ର ପର୍ଯ୍ୟନ୍ତ ସ୍ୱତନ୍ତ୍ର ରିହାତି ଗ୍ରାହକମାନେ ପାଇପାରିବେ। ଏହି ଅଫର ଅରୁନ୍ଧତୀ ଜୁଏଲର୍ସର ସମସ୍ତ ୭ଟି ଶାଖାରେ ଉପଲବ୍ଧ। ଏ ସମ୍ପର୍କରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଅରୁନ୍ଧତୀର ଏହି ସ୍ୱତନ୍ତ୍ର ପ୍ରଦର୍ଶନୀ ଓ ଫେଷ୍ଟିଭାଲ ଜରିଆରେ ଗ୍ରାହକମାନେ ସେମାନଙ୍କର ଆବଶ୍ୟକତା ଓ ଚାହିଦା ମୁତାବକ ଅଳଙ୍କାର ସଂଗ୍ରହକରି ପାରିବେ ବୋଲି ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ପାର୍ବଣର ଆନନ୍ଦକୁ ଦ୍ୱିଗୁଣିତ କରିବା ପାଇଁ ଗ୍ରାହକବନ୍ଧୁମାନଙ୍କୁ ଫେଷ୍ଟିଭାଲର ମଜା ଉଠାଇବାକୁ ପ୍ରତିଷ୍ଠାନ ପକ୍ଷରୁ ସାଦର ନିମନ୍ତ୍ରଣ କରାଯାଉଛି।

# ପ୍ରୟାସର ଦିନିକିଆ କର୍ମଶାଳା

ଭୁବନେଶ୍ୱର,୧୨।୮

ରାଜ୍ୟର ପ୍ରମୁଖ ସାମାଜିକ ଅନୁଷ୍ଠାନ ପ୍ରୟାସ ଆନୁକୂଲ୍ୟରେ ଜି-୨୦ ଇଣ୍ଡିଆ ଏବଂ ସିଭିଲ-୨୦ ଇଣ୍ଡିଆ ସହଯୋଗରେ ଏକ ଦିନିକିଆ ଶିଖର ସମ୍ମିଳନୀ ମେ ଫେୟାର କନଭେନସନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଉକ୍ତ ସମ୍ମିଳନୀରେରେ ୨ଟି ସ୍ୱତନ୍ତ୍ର ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା। ପ୍ରଥମ ସେସନ 'ଆଜିର ଦିନରେ ହୋଲିଷ୍ଟିକ ଜୀବନ ଶୈଳୀ' ଶୀର୍ଷକ ବିଷୟ ବସ୍ତୁ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ସେହିଭଳି ୨ୟ ସେସନ 'ବିକାଶଶୀଳ ସମାଜରେ ନାରୀର ଭୂମିକା' ଶୀର୍ଷକ ଆଲୋଚନାରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଅନ୍ନପୂର୍ଣ୍ଣା ପାଣ୍ଡେ, ଉଦ୍ୟୋଗୀ ପ୍ରସନ୍ନ ପତି, ଆର୍ଥିକ ନିରୀକ୍ଷକ ସ୍ୱାତୀ କେଜ୍ରିୱାଲ, ସିଆଇଆଇ ଆଇଡବ୍ଲ୍ୟୁଏନର ଅଧ୍ୟକ୍ଷା ପ୍ରୀତି ଅଗ୍ରୱାଲ,ଡା ରୋଜାଲିନ ଆର.ପରିଡ଼ା, ଅନ୍ତର୍ଜାତୀକ ବୈଦେଶିକ ସଚିବ,ଲେଖକ ବୈଶାଳୀ ମହାନ୍ତିଙ୍କ ସହ ନୃତ୍ୟ ଗୁରୁ ଶାଶ୍ୱତ ଯୋଶୀ ସମାନିତ ଅତିଥି ଢାବେ ଯୋଗ ଦେଇଥିଲେ।
କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରୟାସ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ତଥା ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଅତିଥିମାନଙ୍କର ପରିଚୟ ସହ କାର୍ଯ୍ୟକ୍ରମର ଆଭିମୂଖ୍ୟ ବିଷୟରେ ବିସ୍ତୃତ ମତ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୋ କଲେଜର ଅଧ୍ୟକ୍ଷ ତଥା ଚଳଚିତ୍ର ତାରକା ଆକାଶ ଦାସ ନାୟକ, କବି ଫନୀ ମହାନ୍ତି, ସ୍ନାୟୁ ରୋଗ ବିଶେସଜ୍ଞ ଅମ୍ରିତ ପଟ୍ଟଯୋଶୀ, ପରିଚୟ ଫାଉଣ୍ଡେସନର ପ୍ରମୁଖ ସଭ୍ୟ ଶାଳିନୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପରିଚୟ ଫାଉଣ୍ଡେସନର ପ୍ରତିଷ୍ଠାତା ସଭାପତି ରୋଜାଲିନ ପାଟଶାଣୀ ମିଶ୍ର ପରିଚାଳନା କରିଥିଲେ।

# ନିସ୍‌ର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ଭୁବନେଶ୍ୱର,୧୨।୮

ନିସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନଫର୍ମେସନ ସାଇନ୍ସ ଆଣ୍ଡ ମ୍ୟାନେଜମେଣ୍ଟର ନବାଗତ ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ କଲେଜ ପରିସରରେ ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ୨୦୨୩-୨୪ ଶିକ୍ଷାବର୍ଷର ବିବିଏ, ବିସିଏ, ବିଏସ୍‌ସି କମ୍ପ୍ୟୁଟର ସାଇନ୍ସ ଓ ବିଏସ୍‌ସି ଆଇଟିଏମ୍‌ର ନବାଗତ ଛାତ୍ରୀଛାତ୍ରମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଛି। ଏହି ଅବସରରେ ଆସୋସିଏସନ ଫର୍ ଡେମୋକ୍ରାଟିକ୍ ସୋସିଆଲିଜମ୍‌ର ସେକ୍ରେଟେରି ଜେନେରାଲ୍ ପ୍ରଫେସର ଡି.କେ. ଗିରି ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବାଗତ ଛାତ୍ରୀଛାତ୍ରୀମାନଙ୍କୁ ଅନେକ ଶିକ୍ଷଣୀୟ ଉପାଦେୟ ସହ ଆଇଟି ଓ ମ୍ୟାନେଜମେଣ୍ଟ ଶିକ୍ଷା ଗ୍ରହଣ କରି କିପରି ନିଜର ଭବିଷ୍ୟତ ଗଠନ ସହ ଦେଶ ଗଠନରେ ମଧ୍ୟ ସହାୟକ ହୋଇପାରିବେ ସେ ବିଷୟରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସେହିଭଳି ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଡ. ସୁଭାଷ ଚନ୍ଦ୍ର ନାୟକ ନବାଗତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରିବା ସହିତ ଉନ୍ନତ ମାନର ଶିକ୍ଷା ଗ୍ରହଣକରି କିପରି ନିଜର ଭବିଷ୍ୟତ ଗଠନ ସହ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେବା ସହିତ ଅନୁଷ୍ଠାନର ନୀତି ଓ ଆଦର୍ଶ ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାନୁଷ୍ଠାନର ସହ-ପ୍ରତିଷ୍ଠାତା ପ୍ରଫେସର ସ୍ମୃତିସୁଧା ନାୟକ,ଉପ-ନିର୍ଦ୍ଦେଶକ ଡ. ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଜଏଣ୍ଟ ରେଜିଷ୍ଟ୍ରାର ପ୍ରଫେସର ଭବାନୀ ଶଙ୍କର ରଥ ଓ ପ୍ରଶାସନିକ ଅଧିକାରୀ ପୀତାମ୍ବର ଚୟନୀ ପ୍ରମୁଖ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଥିଲେ। ଉକ୍ତ ଉତ୍ସବରେ ବିବିଏର ବିଭାଗୀୟ ମୁଖ୍ୟ ପ୍ରଫେସର ସ୍ଥିତପ୍ରଜ୍ଞ ଦେବଦତ୍ତ ସାମଲ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ କମ୍ପ୍ୟୁଟର ସାଇନ୍ସ ଓ ଆଇଟିର ବିଭାଗୀୟ ମୁଖ୍ୟ ପ୍ରଫେସର ନିହାର ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଓଏଏସ୍ଏମ୍‌ଇର ୩୭ତମ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀ

ଭୁବନେଶ୍ୱର,୧୨।୮




ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପୋଦ୍ୟୋଗୀ ସଂଘ (ଓଏଏସ୍ଏମ୍ଇ)ର ୩୭ତମ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀ-୨୦୨୩ ଭୁବନେଶ୍ୱର ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଉକ୍ତ ସମ୍ମିଳନୀକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉଦ୍‌ଘାଟନ କରିଥିବା ବେଳେ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା, ଓଡ଼ିଶାର ଶିଳ୍ପ ନିର୍ଦ୍ଦେଶକ ଆଇଏଏସ୍ ମହମ୍ମଦ ସାଦିକ ଆଲାମ୍, ଏଚ୍‌ଓଓ ଏମ୍ଏସ୍ଏମ୍ଇ ଡିଏଫ୍‌ଓ ଏବଂ ଭାରତ ସରକାରଙ୍କ ଏମ୍ଏସ୍ଏମ୍ଇ ମନ୍ତ୍ରଣାଳୟର କଟକ ଆଇଇଡିଏସ୍ ମିଳିତ ନିର୍ଦ୍ଦେଶକ ପି.କେ. ଗୁପ୍ତା, ଓଏଏସ୍ଏମ୍ଇର ଅଧ୍ୟକ୍ଷ ଗୌରୀ ଶଙ୍କର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଏଏସ୍ଏମ୍ଇର ସଦସ୍ୟ ଅଭିଲାଷ ଦାସ, ଆଦିକନ୍ଦ ରାଉତ, ପ୍ରତିଶ୍ରୁତି ଜେନା, ଜ୍ୟୋତିର୍ମୟୀ ମହାନ୍ତି, ଦେବ ପି ମିଶ୍ର ଏବଂ ଓଏଏସ୍ଏମ୍ଇର ମହାସଚିବ ସାତ୍ତ୍ୱିକ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଓଏଏସ୍ଏମଇର ମହାସଚିବ ସାତ୍ତ୍ୱିକ ସ୍ୱାଇଁ ସମ୍ମିଳନୀ ଆଭିମୁଖ୍ୟ ସହିତ ଆଗାମୀ ଦିନର କାର୍ଯ୍ୟକଳାପ ଓ ସରକାରୀ ସୁବିଧା ଓ ସହୟତା ଆଦି ବିଷୟରେ ବିସ୍ତୃତ ମତ ଉପସ୍ଥାପନ କରିଥିଲେ। ୩୭ତମ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀ ୨୦୨୩ ସମ୍ପର୍କରେ ଓଏଏସ୍ଏମ୍ଇର ଅଧ୍ୟକ୍ଷ ଗୌରୀ ଶଙ୍କର ଦାଶ ଏଏସ୍ଏମଇକୁ ମାର୍କେଟିଂ ସହାୟତାର ଗୁରୁତ୍ୱ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ପରିଶେଷରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ୧୪ ଜଣ ଶିଳ୍ପ ଉଦ୍ୟୋଗୀଙ୍କୁ ଓଏଏସ୍ଏମ୍ଇ ପୁରସ୍କାର ୨୦୨୩ ପ୍ରଦାନ କରାଯାଇଥିଲା। ପୁରସ୍କାର ପ୍ରଦାନ ସମାରୋହ ପରେ ୨ଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ଓଏନ୍‌ଡିସିର ନେଟ୍‌ୱର୍କ ସମ୍ପ୍ରସାରଣର ଭିପି ବଦ୍ରିନାଥ ମିଶ୍ର ଓଏନ୍‌ଡିସି ଆଉଟରିଚ୍ କାର୍ଯ୍ୟକ୍ରମ ଉପରେ ବକ୍ତବ୍ୟ ରଖିଥିଲେ । ଓଡ଼ିଶାର ସିପିଏସ୍ଇଙ୍କ ସହ ଏସ୍‌ସି/ଏସ୍‌ଟି ଓ ମହିଳା ଉଦ୍ୟୋଗଙ୍କ ପାଇଁ ବିଜ୍‌ନେସ୍ ଆକ୍ସିଲରେଟର କାର୍ଯ୍ୟକ୍ରମ ଶୀର୍ଷକ ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଓଏଏସ୍ଏମ୍ଇ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବା ପରେ ଓଏଏସ୍ଏମ୍ଇ ପରିବାର ସଦସ୍ୟଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଶୁଭଲକ୍ଷ୍ମୀଙ୍କ ସହ ହୋଟେଲ ରୁମ୍ ଯାଇଥିଲେ ଦୁଇ ଯୁବକ

ଭୁବନେଶ୍ୱର,୧୨।୮(ସତ୍ୟଜିତ୍ ରାଉତ)

## ଭଦ୍ରକ ଯୁବତୀଙ୍କ ଆତ୍ମହତ୍ୟା ମାମଲା

- ଆସିଲା ଶୁଭଲକ୍ଷ୍ମୀଙ୍କ ଶେଷ ଭିଡିଓ
- ଡିସିପିଙ୍କୁ ଶିଶୁ ଅଧିକାର ସୁରକ୍ଷା କମିଶନଙ୍କ ରିପୋର୍ଟ ତଲବ
- ସୋସିଆଲ ମିଡିଆ ଅନ୍ୟକେହି ଚଳାଉଥିବା ସୂଚନା



ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡ୍‌ସ୍ଥିତ ଦୀପାଳି ହୋଟେଲ ଆଣ୍ଡ୍ ବାର୍‌ର ଏକ ରୁମ୍‌ରେ ଭଦ୍ରକର ଶୁଭଲକ୍ଷ୍ମୀ ସାହୁ(୧୮) ଆତ୍ମହତ୍ୟା କରିଥିବା ଡିସିପି ସ୍ପଷ୍ଟ କରିଥିଲେ। କିନ୍ତୁ ଘଟଣାକୁ ୮ ଦିନ ବିତିଯାଇଥିଲେ ମଧ୍ୟ ଏହା ପଛରେ ଥିବା କାରଣକୁ ପୋଲିସ ଖୋଜିପାଉନି। ଫଳରେ ଘଟଣା ଦିନକୁ ଦିନ ରହସ୍ୟ ଘେରକୁ ଚାଲିଯାଉଛି। ଇତିମଧ୍ୟରେ ଶୁଭଲକ୍ଷ୍ମୀଙ୍କ ଶେଷ ଭିଡିଓ ମିଳିଛି। ଗତ ୨ ତାରିଖ ଅପରାହ୍ନ ୪ଟା ୧୩ରେ ହୋଟେଲ ଦୀପାଳିର ଶିଡି ଦେଇ ଉକ୍ତ ରୁମ୍‌କୁ ପ୍ରବେଶ କରୁଛନ୍ତି ଶୁଭଲକ୍ଷ୍ମୀ। ତାଙ୍କ ସହ ୨ଜଣ ଯୁବକ ମଧ୍ୟ ଯାଉଛନ୍ତି। ଜଣେ ଯୁବକ ଟ୍ରଲି ବ୍ୟାଗ ନେଉଥିବାବେଳେ ତାଙ୍କ ପଛରେ ଥିବା ଅନ୍ୟଜଣେ ଯୁବକ ଦୁଇଟି ହାତରେ ବ୍ୟାଗ ଧରିଛନ୍ତି। ଆଉ ଉଭୟ ଯୁବକଙ୍କ ପଛରେ ଶୁଭଲକ୍ଷ୍ମୀ ଯାଉଥିବା ସିସିଟିଭି ଫୁଟେଜରୁ ଜଣାପଡିଛି। ତେବେ କାହିଁକି ଏତେ ଲଗେଜ ନେଇ ଶୁଭଲକ୍ଷ୍ମୀ ହୋଟେଲକୁ ଯାଇଥିଲେ। ସେମାନଙ୍କ ସହ ଥିବା ଯୁବକଦ୍ୱୟଙ୍କ ସହ ତାଙ୍କର ସମ୍ପର୍କ କ'ଣ? ସେ ଫେରିଲେ ନା ରହିଲେ, ତାହାର ଦୃଶ୍ୟ ଭିଡିଓରେ ନ ଥିବାବେଳେ ଏହାକୁ ନେଇ ଅନେକ ପ୍ରଶ୍ନ ଏବେ ଉଙ୍କି ମାରୁଛି।

ଅନ୍ୟପକ୍ଷରେ ଶୁଭଲକ୍ଷ୍ମୀଙ୍କ ମୃତ୍ୟୁପରେ ତାଙ୍କ ମୋବାଇଲ୍ ଫୋନ୍‌କୁ ପୋଲିସ ଜବତ କରିଛି। ଏପରିସ୍ଥଳେ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ପ୍ରାଇଭେଟ୍ କରାଯାଇଥିବା ଜଣାପଡିଛି। ତେବେ କିଏ ଶୁଭଲକ୍ଷ୍ମୀଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଚଳାଉଛି ତାହାକୁ ନେଇ ଖୋଳତାଡ଼ ଆରମ୍ଭ କରିଛି ଲକ୍ଷ୍ମୀସାଗର ଥାନା ପୋଲିସ। ଏନେଇ ସାଇବର ପୋଲିସର ସହାୟତା ଲୋଡ଼ାଯାଇଥିବା ସୂଚନା ମିଳିଛି।

ସେପଟେ ରାଜ୍ୟ ମହିଳା କମିଶନ (ଓଏସ୍‌ସିଡବ୍ଲ୍ୟୁ) ଘଟଣାକୁ ଗୁରୁତ୍ୱର ସହ ନେଇ ନିଜ ଆଡୁ ମାମଲା ରୁଜୁ କରି ଭୁବନେଶ୍ୱର ଡିସିପିଙ୍କୁ ୨ଦିନ ତଳେ ରିପୋର୍ଟ ତଲବ କରିଥିଲେ। ଶନିବାର ଶିଶୁ ଅଧିକାର ସୁରକ୍ଷା କମିଶନ ଅଧ୍ୟକ୍ଷା ମନ୍ଦାକିନୀ କର ଘଟଣାରେ ଉଦ୍‌ବେଗ ପ୍ରକାଶ କରି ନିଜଆଡୁ ଏକ ମାମଲା ରୁଜୁ କରିବା ସହ ୧୫ ଦିନ ମଧ୍ୟରେ ଡିସିପିଙ୍କୁ ରିପୋର୍ଟ ତଲବ କରିଛନ୍ତି। ଝିଅର ପ୍ରକୃତ ବୟସ, ପୋଷ୍ଟମର୍ଟମ ରିପୋର୍ଟ, ଯଦି ବାରରେ ନିୟୋଜିତ ହୋଇଥିଲେ ତା'ହେଲେ କେଉଁ ପରିସ୍ଥିତିରେ କାମ କରୁଥିଲେ ଆଦିର ରିପୋର୍ଟ ମାଗିଛନ୍ତି। ଏହାସହ ନାବାଳିକାଙ୍କୁ ବାର୍‌ରେ ନିୟୋଜିତ କରୁଥିବା ଦଲାଲକୁ ଗିରଫ କରିବାକୁ ସେ କହିଛନ୍ତି। ସେହିପରି ରାଜ୍ୟର ଅନ୍ୟାନ୍ୟ ଜିଲାରେ ହୋଟେଲ, ସପିଂ ମଲ୍‌ରେ ଯଦି କୌଣସି ପିଲା ଶିଶୁ ଶ୍ରମିକ ଭାବେ କାମ କରୁଥିବା ନଜରକୁ ଆସେ ତା'ହାଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଏନେଇ ସମସ୍ତ ଜିଲାପାଳ ଓ ଶ୍ରମ ଅଧିକାରୀଙ୍କୁ ପୁଣି ଥରେ ଚିଠି ଲେଖି ଅବଗତ କରାଯିବ ବୋଲି କହିଛନ୍ତି।

## ବାର୍‌ରେ ନିୟୋଜିତ ଥିଲେ ଫସିବେ ମାଲିକ

### ଅବକାରୀ ବିଭାଗର ଚେତା ପଶିଲା

ଦୀପାଳି ହୋଟେଲ ଆଣ୍ଡ୍ ବାର୍‌ରେ ଶୁଭଲକ୍ଷ୍ମୀଙ୍କ ମୃତ୍ୟୁ ପରେ ଅବକାରୀ ବିଭାଗର ଚେତା ଆସିଛି। ଏଣିକି ରାଜଧାନୀ ଭୁବନେଶ୍ୱରରେ ଥିବା ସବୁ ଡ୍ୟାନ୍ସବାର୍‌ରେ ଯାଞ୍ଚ ହେବ। ଯେଉଁ ବାର୍ ନିୟମ ଉଲ୍ଲଂଘନ କରି ନାବାଳିକାଙ୍କୁ ନିୟୋଜିତ କରୁଥିବା ଜଣାପଡିବ ଉକ୍ତ ବାର୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ ପଟ୍ଟନାୟକ କହିଛନ୍ତି। ଏହାସହ ସେ କହିଛନ୍ତି, ଡ୍ୟାନ୍ସ ବାର୍ ପାଇଁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ବର୍ତ୍ତମାନ ରାଜଧାନୀରେ ୧୮ଟି ବାର୍‌ରେ ୨୧୬ ମହିଳା କର୍ମଚାରୀ ଓ ଡ୍ୟାନ୍ସର ନିଯୁକ୍ତି ପାଇଛନ୍ତି। ବାର୍‌ରେ ନିୟୋଜିତ ଯୁବତୀ ବା ମହିଳାଙ୍କ ବୟସ ୨୧ ବର୍ଷରୁ ଅଧିକ ହେବ ଆବଶ୍ୟକ। ଏହାଠାରୁ କମ୍ ବୟସର ବାଳିକା ନିୟୋଜିତ ହୋଇଥିଲେ ବାର୍ ମାଲିକଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ। ବାର୍‌ରେ ନିୟୋଜିତ ସମସ୍ତ ମହିଳାଙ୍କ ପରିଚୟପତ୍ର ଅବକାରୀ ଅଫିସରେ ଦାଖଲ କରିବା ଆବଶ୍ୟକ। ନଚେତ ଡ୍ୟାନ୍ସ ବାର୍ ବନ୍ଦ ହେବ ବୋଲି ପଟ୍ଟନାୟକ ସୂଚନା ଦେଇଛନ୍ତି। ତେବେ ମୃତ ଶୁଭଲକ୍ଷ୍ମୀ କମଳା ନେହରୁ ମହାବିଦ୍ୟାଳୟରେ ଯୁକ୍ତ୨ରେ ପଢୁଥିବାବେଳେ ତାଙ୍କ ବୟସ ୧୮ ବର୍ଷ ହୋଇଥିଲା। ହେଲେ ସେ ବାର୍‌ରେ ଡ୍ୟାନ୍ସର ଭାବେ କାମ କରୁଥିବା ଚର୍ଚ୍ଚା ହେଉଥିବାରୁ ଘଟଣା ଭିନ୍ନ ମୋଡ଼ ନେବାରେ ଲାଗିଛି। ଯଦି ଶୁଭଲକ୍ଷ୍ମୀଙ୍କ ବୟସ ୧୮ ବର୍ଷ, ତା'ହେଲେ ସେ କେମିତି ବାର୍‌ରେ ଡ୍ୟାନ୍ସର ଭାବେ କାମ କରୁଥିଲେ? ତାଙ୍କୁ ଡ୍ୟାନ୍ସର ଭାବେ ବାର୍‌ରେ କିଏ ନିୟୋଜିତ କରିଥିଲେ? ରାଜଧାନୀରେ ବେଆଇନ ଭାବେ ୨୧ବର୍ଷରୁ କମ୍ ବୟସର ଝିଅମାନଙ୍କୁ ବାର୍‌ରେ ନିୟୋଜିତ କରାଯାଉଥିବା ବେଳେ କ'ଣ କରୁଛି ଅବକାରୀ ବିଭାଗ? ଶୁଭଲକ୍ଷ୍ମୀଙ୍କ ମୃତ୍ୟୁ ପରେ ହଠାତ୍ ଅବକାରୀ ବିଭାଗ ଆକ୍ସନ ମୁଡ୍‌କୁ ଆସିବାକୁ ନେଇ ମଧ୍ୟ ସାଧାରଣରେ ନାନା ଆଲୋଚନା ହେଉଛି।

## ରାଜ୍ୟ ଗ୍ରନ୍ଥାଗାରକୁ ବିଶ୍ୱସ୍ତରୀୟ ପାଇଁ ଉଦ୍ୟମ କରାଯିବ

**ଭୁବନେଶ୍ୱର,୧୨।୮(ଶର୍ମିଷ୍ଠା ପାଣିଗ୍ରାହୀ):** ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ପକ୍ଷରୁ ଜାତୀୟ ଗ୍ରନ୍ଥାଗାର ଦିବସରେ ଭାରତର ଗ୍ରନ୍ଥାଗାର ବିଜ୍ଞାନର ଜନକ ଡ. ଏସ୍. ଆର୍. ରଙ୍ଗନାଥନଙ୍କ ୧୩୧ତମ ଜୟନ୍ତୀ, ଆଲୋଚନାଚକ୍ର ଓ ଗ୍ରନ୍ଥାଗାରିକ ସମ୍ବର୍ଦ୍ଧନା ଉତ୍ସବ ଗ୍ରନ୍ଥାଗାର ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ ଅଧ୍ୟକ୍ଷତା କରି କହିଛନ୍ତି, ରାଜ୍ୟ ଗ୍ରନ୍ଥାଗାରକୁ ବିଶସ୍ତରୀୟ ପାଠାଗାରରେ ପରିଣତ କରିବାକୁ ଉଦ୍ୟମ ହେବ। ଆଗାମୀ ଦିନରେ ରାଜ୍ୟରେ ପବ୍ଲିକ ଲାଇବ୍ରେରି ନିର୍ଦ୍ଦେଶାଳୟ ପ୍ରତିଷ୍ଠା ସହ ବ୍ଲକ, ଉପଖଣ୍ଡ ଓ ଜିଲାସ୍ତରୀୟ ପାଠାଗାର ଭିତ୍ତିଭୂମିର ଉନ୍ନତି କରାଯିବ। ଏଥିସହ ପୁସ୍ତକ ପଠନ ପ୍ରତି ସମସ୍ତଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ପାଇଁ ପଦକ୍ଷେପ ନିଆଯିବ। ବିଭାଗର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ତଥା ବିଭାଗର ଯୁଗ୍ମଶାସନ ସଚିବ ଅତସୀ ଦାସ କାର୍ଯ୍ୟକ୍ରମ ସଂଯୋଜନା, ଗ୍ରନ୍ଥାଗାରିକ ରୁଦ୍ରପ୍ରସାଦ ବେହେରା ସ୍ୱାଗତ ଭାଷଣ ଓ ବିଦ୍ୟାଧର ପଣ୍ଡା ସଞ୍ଚାଳନ କରିଥିଲେ। ଗ୍ରନ୍ଥାଗାରିକ ପଦ୍ମନାଭ ଜେନା, ସଳିତା ପାତ୍ର ଓ ମଞ୍ଜୁରାଣୀ ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ। ଗ୍ରନ୍ଥାଗାରିକ ସଂଘମିତ୍ରା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବୟନିକାର ଫ୍ୟାଶନ୍ ଶୋ' 'ଥ୍ରେଡ୍‌ସ ଅଫ୍ ଟ୍ରାଡିଶନ୍'





ଭୁବନେଶ୍ୱର,୧୨।୮
(ଶର୍ମିଷ୍ଠା ପାଣିଗ୍ରାହୀ)

### ହସ୍ତତନ୍ତ ପୋଷାକର ନୂଆ ଡିଜାଇନ ପ୍ରଦର୍ଶିତ

ରାଜ୍ୟସ୍ତରୀୟ ୯ମ ଜାତୀୟ ହସ୍ତତନ୍ତ ଦିବସ ରାଜ୍ୟରେ ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ 'ବୟନିକା' ପକ୍ଷରୁ ଶନିବାର ଏକାମ୍ର ହାଟଠାରେ ଏକ ସ୍ୱତନ୍ତ୍ର ଫ୍ୟାଶନ ଶୋ' ଅନୁଷ୍ଠିତ ହୋଇଯାଇଛି। ଏହାର ବିଷୟ ବସ୍ତୁ ଥିଲା 'ଥ୍ରେଡ୍‌ସ ଅଫ୍ ଟ୍ରାଡିଶନ୍'। ଫ୍ୟାଶନ ଡିଜାଇନରମାନେ ବିଭିନ୍ନ ନୂଆ ନୂଆ ଡିଜାଇନ୍‌ରେ ପ୍ରସ୍ତୁତ ହୋଇଥିବା ପୋଷାକକୁ ପରିଧାନ କରି ମଞ୍ଚରେ ଜଣକ ପରେ ଜଣେ ଆସି ଓଡ଼ିଶାର ହସ୍ତତନ୍ତକୁ ପ୍ରଦର୍ଶିତ କରିଥିଲେ। ଏହି ନିଆରା ଶୋ' ସେଠାରେ ଏକ ଅନନ୍ୟ ପରିବେଶ ସୃଷ୍ଟି କରିଥିଲା। ଏହାକୁ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀ ଉଦ୍‌ଘାଟନ କରିଥିଲେ। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ତଥା ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ, ବୟନ ଓ ହସ୍ତତନ୍ତ ବିଭାଗର ନିର୍ଦ୍ଦେଶକ ଶୋଭନ କୃଷ୍ଣ ସାହୁ, ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ ଟେକ୍ନୋଲୋଜିର ନିର୍ଦ୍ଦେଶକ ରାଜେଶ କୁମାର ଝା, ବୟନିକାର ପରିଚାଳନା ନିର୍ଦ୍ଦେଶକ ତଥା ହସ୍ତତନ୍ତ ନିର୍ଦ୍ଦେଶକ ପ୍ରଣତୀ ଛୋଟରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ଅଚ୍ୟୁତ ସାମନ୍ତଙ୍କୁ ଆଉ ଦୁଇ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍

ଭୁବନେଶ୍ୱର, ୧୨।୮(ଅସମାପିକା ସାହୁ)

ଶିକ୍ଷାବିତ୍ ଓ ସମାଜସେବୀ ଅଚ୍ୟୁତ ସାମନ୍ତଙ୍କୁ ଗୁଏତମାଲାର ଦୁଇଟି ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯାଇଛି। ଶିକ୍ଷା ଓ ସମାଜସେବା ବିଶେଷକରି ଜନଜାତି ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ରୁରାଲ ୟୁନିଭର୍ସିଟି ଅଫ୍ ଗୁଏତମାଲା ଓ ମାୟା କାକ୍ଚିକେଲ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡ. ସାମନ୍ତଙ୍କୁ ଏହି ଡକ୍ଟରେଟ୍ ପ୍ରଦାନ କରାଯାଇଛି। ରୁରାଲ ୟୁନିଭର୍ସିଟି ଅଫ୍ ଗୁଏତମାଲାର ରେକ୍ଟର ତଥା ପ୍ରତିଷ୍ଠାତା ଡ. ଫିଡେଲ୍ ରେସ୍ ଲି ବିଶ୍ୱବିଦ୍ୟାଳୟର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାମନ୍ତଙ୍କୁ ୫୪ତମ ଡକ୍ଟରେଟ୍ ପ୍ରଦାନ କରିଥିଲେ। ସେହିପରି ମାୟା କାକ୍ଚିକେଲ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ନିଆରା ଢଙ୍ଗରେ ଓ ସ୍ୱତନ୍ତ୍ର ସ୍ଥାନୀୟ ଜନଜାତି ପରମ୍ପରାରେ ସାମନ୍ତଙ୍କୁ ଅଭିଷିକ୍ତ କରିବା ପରେ ୫୫ତମ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଥିଲା। ପ୍ରଥମେ ସେମାନଙ୍କ ଦେବତାଙ୍କୁ ପୂଜା କରାଯାଇ ସାମନ୍ତଙ୍କୁ ସମ୍ମାନସୂଚକ ଡିଗ୍ରୀ ପ୍ରଦାନ ନିମନ୍ତେ ଅନୁମତି ଅଣାଯାଇଥିଲା। ପରେ ସମ୍ପୂର୍ଣ୍ଣ ପ୍ରାକୃତିକ ପରିବେଶରେ ସାମନ୍ତ ଏବଂ ସମ୍ମାନସୂଚକ ଡିଗ୍ରୀକୁ ଗୁଏତମାଲାର ଜନଜାତି ପରମ୍ପରା ଅନୁସାରେ ଦୀର୍ଘ ୪ଘଣ୍ଟା ହୋମ ଓ ପୂଜାର୍ଚ୍ଚନା କରାଯାଇଥିଲା।

### ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଗୀତା



@ ରାଜେଶ



@ ପ୍ରଜ୍ଞା



@ ସାଇରଞ୍ଜନ



@ ବଳରାମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଓଡ଼ିଶାରୁ ୪ ପୋଲିସ ଅଧିକାରୀ ପାଇବେ ସ୍ୱରାଷ୍ଟ୍ର ମନ୍ତ୍ରୀ ପଦକ



ଡିଏସ୍‌ପି ପ୍ରଭାତ କୁମାର ବିଶ୍ୱାଳ



ଡିଏସ୍‌ପି ମାନସ ରଞ୍ଜନ ପ୍ରଧାନ



ଇନ୍ସପେକ୍ଟର ପ୍ରଶାନ୍ତ ସାହୁ



ଦୁର୍ଗେଶ ନନ୍ଦିନୀ ମହାନ୍ତି

ଭୁବନେଶ୍ୱର,୧୨।୮
(ସୂର୍ଯ୍ୟକାନ୍ତ ବେହେରା)

### ତଦନ୍ତରେ ଉତ୍କର୍ଷ

### ଦେଶରୁ ୧୪୦ଜଣ ଅଧିକାରୀ ମନୋନୀତ

ତଦନ୍ତରେ ଉତ୍କର୍ଷତା ପାଇଁ ଶନିବାର ସ୍ୱରାଷ୍ଟ୍ର ମନ୍ତ୍ରୀ ପଦକ ଘୋଷଣା ହୋଇଛି। ଚଳିତବର୍ଷ ଏହି ପଦକ ପାଇବା ପାଇଁ ସାରା ଦେଶରୁ ୧୪୦ଜଣ ଅଧିକାରୀ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨୨ଜଣ ମହିଳା ପୋଲିସ ଅଧିକାରୀ ରହିଥିବାବେଳେ ଓଡ଼ିଶାରୁ ୪ଜଣ ମନୋନୀତ ହୋଇଛନ୍ତି। ଓଡ଼ିଶାରୁ ଡିଏସ୍‌ପି ପ୍ରଭାତ କୁମାର ବିଶ୍ୱାଳ, ଡିଏସ୍‌ପି ମାନସ ରଞ୍ଜନ ପ୍ରଧାନ, ଇନ୍ସପେକ୍ଟର ପ୍ରଶାନ୍ତ କୁମାର ସାହୁ ଓ ଦୁର୍ଗେଶ ନନ୍ଦିନୀ ମହାନ୍ତି ଏହି ପଦକ ପାଇବେ। ଡିଏସ୍‌ପି ପ୍ରଭାତ କୁମାର ବିଶ୍ୱାଳ ଓ ମାନସ ରଞ୍ଜନ ପ୍ରଧାନ ଏବେ ସୁନ୍ଦରଗଡ଼ରେ କାର୍ଯ୍ୟରତ ଅଛନ୍ତି। ସେହିପରି ଇନ୍ସପେକ୍ଟର ପ୍ରଶାନ୍ତ କୁମାର ସାହୁ ଗଞ୍ଜାମ ଜିଲାରେ କାର୍ଯ୍ୟ କରୁଥିବାବେଳେ ଇନ୍ସପେକ୍ଟର ଦୁର୍ଗେଶ ନନ୍ଦିନୀ ମହାନ୍ତି କଟକରେ କାର୍ଯ୍ୟ କରନ୍ତି।

ଅପରପକ୍ଷେ ଚଳିତ ବର୍ଷ ସ୍ୱରାଷ୍ଟ୍ର ମନ୍ତ୍ରୀ ପଦକ ପାଇଁ ସିବିଆଇରୁ ୧୫ ଜଣ ଅଧିକାରୀ ମନୋନୀତ ହୋଇଥିବାବେଳେ ଏନ୍‌ଆଇଏରୁ ୧୨ଜଣ ଅଧିକାରୀ ମନୋନୀତ ହୋଇଛନ୍ତି। ସେହିପରି ଉତ୍ତର ପ୍ରଦେଶରୁ ୧୦ଜଣ ମନୋନୀତ ହୋଇଥିବାବେଳେ କେରଳ ଓ ରାଜସ୍ଥାନରୁ ୯ଜଣ ଲେଖାଏ, ତାମିଲନାଡୁରୁ ୮, ମଧ୍ୟପ୍ରଦେଶରୁ ୭ ଓ ଗୁଜରାଟରୁ ୬ ଜଣ ମନୋନୀତ ହୋଇଛନ୍ତି।

## ସଚେତନ ହେଲେ ହାତୀ ମୃତ୍ୟୁ ରୋକାଯାଇପାରିବ



ବାରଙ୍ଗ,୧୨।୮(ଲିଙ୍ଗରାଜ ରାଉତ)

### ନନ୍ଦନକାନନରେ ବିଶ୍ୱ ହସ୍ତୀ ଦିବସ

ହାତୀଙ୍କ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶନିବାର ନନ୍ଦନକାନରେ ବିଶ୍ୱ ହସ୍ତୀ ଦିବସ ନିରାଡମ୍ବର ଭାବେ ପାଳନ ହୋଇଛି। ହାତୀସଫାରିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାସନ୍ତୀ, ହୀରା, ମାମା ସାମିଲ ହୋଇଥିବାବେଳେ ନୂଆ ହୋଇ ଆସିଥିବା ସାଢେ ତିନି ମାସର ହାତୀଛୁଆ ଅଭିକୁ ସାମିଲ କରାଯାଇ ନ ଥିଲା। ମୁଖ୍ୟ ଅତିଥି ଭାବେ ନନ୍ଦନକାନନ ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ଯୋଗଦେଇ ସମସ୍ତ ହାତୀଙ୍କୁ ସୁସ୍ୱାଦ ଖାଦ୍ୟ ନଡ଼ିଆ, କଦଳୀ, ସପୁରି, ତରଭୁଜ, ଆଖୁ, ମକା, ସେଓ ଆଦି ବିଭିନ୍ନ ପ୍ରକାରର ଫଳମୂଳ ଖାଇବାକୁ ଦେଇଥିଲେ। ପରେ ଛୁଆ ହାତୀ ଅଭି ପାଖକୁ ସୁସ୍ୱାଦ ଖାଦ୍ୟ ପଠାଯାଇଥିଲା। ଜଙ୍ଗଲ କ୍ଷୟକୁ ରୋକିଲେ ମଣିଷ ଓ ହାତୀ ଲଢେଇରେ ରୋକ ଲଗାଯାଇପାରିବ। ଜଙ୍ଗଲୀ ଜନ୍ତୁଙ୍କ ଶିକାର ପାଇଁ ବିଦ୍ୟୁତ୍ ତାର, ଫାଶ ଯୋଗୁ ଅନେକ ସମୟରେ ହାତୀଙ୍କର ମୃତ୍ୟୁ ଘଟୁଛି। ଇକୋ ସେନ୍ସିଟିଭ ଜୋନରେ ଜଙ୍ଗଲ କଟାଯାଇ ଜନବସତି ଗଢିଉଠିବା ଓ ଆଲୋକୀକରଣ ପାଇଁ ହାତୀ ଜଙ୍ଗଲ ଛାଡି ଗାଁମୁହାଁ ହେଉଛନ୍ତି। ଏଥିପ୍ରତି ସମସ୍ତେ ସଚେତନ ହେଲେ ହାତୀ ମୃତ୍ୟୁରେ ରୋକ ଲାଗିବା ସହ ସେମାନଙ୍କ ବଂଶବୃଦ୍ଧି ହୋଇପାରିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ସନତ କୁମାର ଏନ୍ କହିଥିଲେ। ଏହି ଅବସରରେ ସେ ହାତୀମାହୁନ୍ତଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏଥିସହ ମୁଖ୍ୟ ଫାଟକ ପାଖରେ ଏକ ଦସ୍ତଖତ ଅଭିଯାନ କରାଯାଇଥିଲା। ଅନ୍‌ଲାଇନରେ ସ୍ଲୋଗାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସେହିଭଳି ଚନ୍ଦକା-ଡମପଡା ଅଭୟାରଣ୍ୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁମାର ଖୁଣ୍ଟିଠାରେ ହସ୍ତୀଦିବସ ପାଳନ ହୋଇଯାଇଛି। ହାତୀ ଯଶୋଦା ଓ ଶଙ୍କରକୁ ଆଖୁ, କଦଳୀ, ମକା, ତରଭୁଜ ଆଦି ସ୍ୱାଦିଷ୍ଟ ଖାଦ୍ୟ ଖାଇବାକୁ ଦିଆଯାଇଥିଲା। ଫରେଷ୍ଟର ପରୀକ୍ଷିତ ଭୂୟାଁ, ସୌମ୍ୟରଞ୍ଜନ ବେଉରା ଓ ଆନନ୍ଦଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସକାଳୁ ମାହୁନ୍ତମାନେ ହାତୀଦ୍ୱୟଙ୍କୁ ଗାଧୋଇଦେଇ, ମୁଣ୍ଡରେ ତେଲମାରି ସଜବାଜ କରାଇଥିଲେ। ଏହାପରେ ସେମାନଙ୍କୁ ସୁସ୍ୱାଦ ଖାଦ୍ୟ ଖାଇବାକୁ ଦିଆଯାଇଥିଲା।

## ସ୍ଥାନୀୟ ଲୋକଙ୍କ ସାମିଲ ହାତୀ ସଂରକ୍ଷଣକୁ ଶିଖର ଛୁଆଁଇବ

ଭୁବନେଶ୍ୱର, ୧୨।୮(ଅସମାପିକା ସାହୁ)

### ବନ କର୍ମଚାରୀଙ୍କ ପାଇଁ ୟୁନିଫର୍ମ ପଲିସି ଆଣିବାକୁ ଓଡ଼ିଶାର ପ୍ରସ୍ତାବ

ସବୁଠାରୁ ଅଧିକ ଏସୀୟ ବଣୁଆ ହାତୀ ଭାରତରେ ଥିବାରୁ ଭାରତ ଦୀର୍ଘିଆଦୀ ଜୀବଜନ୍ତୁ ସଂରକ୍ଷଣର ମୁଖ୍ୟ ଆଶ୍ରୟସ୍ଥଳ ହୋଇଛି। ସ୍ଥାନୀୟ ଅଧିବାସୀଙ୍କ ସକ୍ରିୟ ଅଂଶଗ୍ରହଣ ଫଳରେ ହାତୀ ସଂରକ୍ଷଣ ଏକ ନୂତନ ଶିଖର ଛୁଇଁପାରିବ ବୋଲି କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି। ଭୁବନେଶ୍ୱରଠାରେ ବିଶ୍ୱହସ୍ତୀ ଦିବସ ପାଳନ ଅବସରରେ ମନ୍ତ୍ରୀ କହିଲେ, ଦେଶର ୪ଟି ହାତୀ ସଂରକ୍ଷିତ ଅଞ୍ଚଳକୁ ଚିହ୍ନଟ କରାଯାଇ ଆଗୁଆ ପରିଚାଳନାଗତ ସକ୍ରିୟତାର ମୂଲ୍ୟାୟନ କରାହେବ। ହାତୀ ସଂରକ୍ଷଣ ସ୍ଥଳୀଗୁଡ଼ିକ ମାନ ନିର୍ଦ୍ଧାରଣ ଓ ସର୍ବଶ୍ରେଷ୍ଠ ରଣନୀତି ଗ୍ରହଣ ପାଇଁ ଏହା ସର୍ବୋତ୍ତମ ପଦକ୍ଷେପ ବୋଲି ସେ କହିଥିଲେ। ଗତ ଦୁଇବର୍ଷ ମଧ୍ୟରେ ୩୩ଟି ହାତୀ ସଂରକ୍ଷଣ ସ୍ଥଳୀର ପରିସୀମା ୭୬,୫୦୮ କି.ମି.ରୁ ୮୦,୭୭୭ କି.ମି.କୁ ବୃଦ୍ଧି ପାଇଥିବା ମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଅବସରରେ ହସ୍ତୀ ପ୍ରକଳ୍ପ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଭାରତର ହସ୍ତୀ ଅଞ୍ଚଳ ଉପରେ ଏକ ରିପୋର୍ଟକୁ ମନ୍ତ୍ରୀ ଉନ୍ମୋଚନ କରିଥିଲେ। ହସ୍ତୀ ସଂରକ୍ଷଣ ଓ ପରିଚାଳନା କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟ ନିମନ୍ତେ ମନ୍ତ୍ରୀ ଗଜ ଗୌରବ ସମ୍ମାନ ମଧ୍ୟ ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ବନ କର୍ମଚାରୀଙ୍କ ମୃତ୍ୟୁକାଳୀନ କ୍ଷତିପୂରଣ ପାଇଁ ୟୁନିଫର୍ମ ପଲିସି ଆଣିବା ପାଇଁ କେନ୍ଦ୍ର ନିକଟରେ ପ୍ରସ୍ତାବ ରଖିଥିଲେ। କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ, କେନ୍ଦ୍ର ଜଙ୍ଗଲ ମହାନିର୍ଦ୍ଦେଶକ ଓ ସ୍ୱତନ୍ତ୍ର ସଚିବ ଚନ୍ଦ୍ରପ୍ରକାଶ ଗୋୟଲ, ଅତିରିକ୍ତ ମହାନିର୍ଦ୍ଦେଶକ (ପିଟିଆଣ୍ଡଇ), ଏନଟିସିଏ ସଦସ୍ୟ ସଚିବ ଡ. ସତ୍ୟପ୍ରକାଶ ଯାଦବ, ରାଜ୍ୟ ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପିସିସିଏଫ୍ ସୁଶୀଲ କୁମାର ପୋପଲୀ ପ୍ରମୁଖ ଯୋଗଦେଇଥିଲେ।



କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଓ ଅନ୍ୟମାନେ ରିପୋର୍ଟ ଉନ୍ମୋଚନ କରୁଛନ୍ତି।

